ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ମେ, ୨୦୨୩



## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ବେଗୁନିଆ,୨୭।୫(ଡି.ଏନ୍.ଏ.):** ବେଗୁନିଆ ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଏକ ନିଛାଟିଆ ସ୍ଥାନରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଭାଟପଡ଼ା ଗ୍ରାମର ମଦନ ମୋହନ ବାରିକ(୬୦)। ପୋଲିସ ସୂଚନା ମୁତାବକ, ୫ ଦିନ ପୂର୍ବେ ଏକ ଜରୁରୀ କାର୍ଯ୍ୟରେ ପାରାଦୀପ ଯିବେ ବୋଲି ମଦନ ପରିବାର ଲୋକଙ୍କୁ ଜଣାଇ ଯାଇଥିଲେ। ଗୁରୁବାର ରାତିରେ ମଦନ ମଧ ଘରକୁ ଫୋନ୍ କରିଥିଲେ। ବରପଦା ଖଣି ଅଞ୍ଚଳରେ ଥିବା ଗଛରେ ଆତ୍ମହତ୍ୟା କରୁଛନ୍ତି ବୋଲି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କୁ ନ ପାଇ ନିରାଶରେ ଘରକୁ ଫେରିଥିଲେ। ତେବେ ଶନିବାର ସକାଳେ ରାଉତପଡ଼ା ଗ୍ରାମସ୍ଥିତ ଏକ ଖଣି ନିକଟ ବରଗଛ ଡାଳରେ କେହି ଜଣେ ଆତ୍ମହତ୍ୟା କରିଥିବା ଖବର ପ୍ରଚାରିତ ହୋଇଥିଲା। ଏହା ଶୁଣି ପୁଅ ସର୍ବେଶ୍ୱର ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୁଆଖାଇରେ ବୁଡ଼ି ୨ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା, ୨୭।୫ (ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ନିକଟ କୁଆଖାଇ ନଦୀରେ ଶନିବାର ଗାଧୋଇବାବେଳେ ବୁଡ଼ିଯାଇ ୨ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭୁବନେଶ୍ୱର ଗାଡ଼କଣର ସ୍ମୃତି ସୌରଭ ପ୍ରଧାନ ଓ ଅନୁଗୋଳ ଜିଲା ରେଙ୍ଗାଲିର ସତ୍ୟଜିତ ଦାସ। ସ୍ମୃତି ସୌରଭ ଏକ ଘରୋଇ କମ୍ପାନୀରେ ଚାକିରି କରିଥିବାବେଳେ ସତ୍ୟଜିତ୍ ପଢ଼ାସରିବା ପରେ ଭୁବନେଶ୍ୱରରେ ରହି ଚାକିରି ଅନ୍ୱେଷଣରେ ଥିଲେ।

ସୂଚନାନୁସାରେ, ସ୍ମୃତି ଓ ସତ୍ୟଜିତ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ କୁଆଖାଇ ନଦୀପଠାକୁ ବୁଲାବୁଲି କରିବାକୁ ଯାଇଥିଲେ। କିଛି ସମୟ ମଜାମସ୍ତି କରିବା ପରେ ସନ୍ଧ୍ୟାରେ ସତ୍ୟଜିତ ନଦୀ ଗର୍ଭକୁ ଗାଧୋଇବାକୁ ଯାଇଥିଲେ।


କୁଆଖାଇ ନଦୀରୁ ଅଗ୍ନିଶମ ବାହିନୀ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର କରୁଛନ୍ତି।

ଅନ୍ୟସାଙ୍ଗମାନେ ଉପରେ ରହି ମଜା ନେଉଥିଲେ। କାହାକୁ ନଦୀର ଗଭୀରତା ଜଣା ନ ଥିଲା। ଗାଧୋଇବାବେଳେ ସତ୍ୟଜିତ୍ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ସ୍ମୃତି ସୌରଭ ନଦୀପାଣିକୁ ଲମ୍ଫ ପ୍ରଦାନ କରିଥିଲେ। ହେଲେ ସେ ମଧ ଗଭୀର ଜଳରେ ଫସିଯାଇଥିଲେ। ଆଖି ଆଗରେ ଦୁଇ ସାଙ୍ଗ ବୁଡିଯାଇଥିବା ଦେଖି ଉପରେ ଥିବା ଅନ୍ୟସାଙ୍ଗମାନେ ଚିତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରି ପ୍ରଥମେ ସ୍ମୃତିଙ୍କୁ ପାଣିରୁ ଚେତାଶୂନ୍ୟ ଭାବେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଅନ୍ଧାର ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାର ଘଣ୍ଟାଏ ପରେ ସତ୍ୟଜିତଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ଥାନା ପୋଲିସ ଉଭୟଙ୍କ ସାଙ୍ଗ ଓ ପରିବାର ଲୋକଙ୍କୁ ପଚରାଉଚରା କରିଛି। ରବିବାର ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ମାସିକ ଋତୁସ୍ରାବ ସମ୍ପର୍କରେ ପ୍ରତ୍ୟେକ ମହିଳା ସଚେତନ ହେବା ଜରୁରୀ



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ଯୁବତୀମାନେ।

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ)**

ଋତୁସ୍ରାବକୁ ନେଇ ଏବେ ବି ଅନ୍ଧବିଶ୍ୱାସ ଓ ବିଭିନ୍ନ ଗୁଜବ ରହିଛି। ମାସିକ ଋତୁସ୍ରାବ ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା। ତେଣୁ ଏହି ସମୟରେ ଅନ୍ଧବିଶ୍ୱାସର ଶିକାର ନ ହୋଇ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ପ୍ରତ୍ୟେକ ମହିଳା ଏବଂ ଯୁବତୀ ଧ୍ୟାନଦେବା ଆବଶ୍ୟକ ବୋଲି ଋତୁସ୍ରାବ ପରିଚ୍ଛନ୍ନତା ଦିବସରେ ମତ ପ୍ରକାଶ ପାଇଛି। ସିସିଡବ୍ଲ୍ୟୁଡି ଓ ଆକ୍ସନ ଏଡ୍ ଆସୋସିଏଶନ୍ ପକ୍ଷରୁ ଶନିବାର ୱାର୍ଡ ନଂ.୧୪ ଅନ୍ତର୍ଗତ ପଣ୍ଡାପାର୍କ ବସ୍ତିଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ ଋତୁସ୍ରାବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାନିଟାରୀ ପ୍ୟାଡ୍‌ର ଠିକ୍ ବ୍ୟବହାର ପରେ ସେଗୁଡିକୁ ଉପଯୁକ୍ତ ସ୍ଥାନରେ ଫୋପାଡ଼ିବା ଦରକାର। ସେହିପରି ଋତୁସ୍ରାବ ବାବଦରେ ଶିକ୍ଷିତ ହେବା ଓ ଅନ୍ୟକୁ ଶିକ୍ଷିତ କରାଇବା ଆବଶ୍ୟକ। ମାସିକ ଋତୁସ୍ରାବଜନିତ ସମସ୍ୟା ଉପୁଜୁଥିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଓ ଏବାବଦରେ ଖୋଲାଖୋଲି ଆଲୋଚନା ଜରୁରୀ ବୋଲି ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ ଫୋରମ୍‌ର ପ୍ରତିନିଧି ମମତା ନାୟକ, ଲିଜାରାଣୀ ବେହେରା, ଶୁଭେଚ୍ଛା ଶୁକ୍ଳା ପ୍ରମୁଖ କହିଥିଲେ। କାର୍ଯ୍ୟକ୍ରମକୁ ଲକି ମହଲା, ସରସ୍ୱତୀ ପରିଡ଼ା ଓ ସବିତା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ଜଣ ଗିରଫ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ବେଆଇନ ଭାବେ କାର୍‌ରେ ଗଞ୍ଜେଇ ଚୋରା ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ନୟାଗଡ ଜିଲା ଇଟାମାଟି ଥାନା ଅଞ୍ଚଳରୁ ସ୍ଥାନୀୟ ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏହାସହ ଅଭିଯୁକ୍ତଙ୍କଠାରୁ ୧ କୁଇଣ୍ଟାଲ ୬ କେଜି ଗଞ୍ଜେଇ ଓ ଚୋରା ଚାଲାଣରେ ବ୍ୟବହୃତ କାର୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳର ଯୁଗଳ ନାୟକ ଓ ରଞ୍ଜିତ ଭୋଇ। ଜବତ ଗଞ୍ଜେଇର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ଏସ୍‌ଟିଏଫ ଅଭିଯୁକ୍ତଦ୍ୱୟଙ୍କୁ ଇଟାମାଟି ପୋଲିସକୁ ହସ୍ତାନ୍ତର କରିବା ପରେ ମାମଲା (ନଂ.୧୨୯/୨୩) ରୁଜୁ କରାଯାଇଥିଲା। ପଚରାଉଚରା ପରେ ଉଭୟଙ୍କୁ ଶନିବାର ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ଏହି ଗଞ୍ଜେଇ କେଉଁଠାରୁ ଆଣୁଥିଲେ ଓ କାହାକୁ ଦେବାକୁ ଯାଉଥିଲେ ତାହାର ଖୋଳତାଡ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ୍ ୬୯ କେଜି ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ, ୧୧୪ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ, ୭୫୦ ଗ୍ରାମ ଅଫିମ ଜବତ କରିଥିବାବେଳେ ୧୭୧ ନିଶାବେପାରୀଙ୍କୁ ଗିରଫ କରିଛି।

# ଛାତ୍ରୀଙ୍କୁ ଗୋଡ଼ାଇ କାମୁଡ଼ିଲା ବୁଲାକୁକୁର

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ରାଜଧାନୀରେ ପୁଣି ବୁଲା କୁକୁରଙ୍କ ଆତଙ୍କ ସାମ୍ନାକୁ ଆସିଛି। ଟ୍ୟୁଶନ ଯିବାବେଳେ ଜଣେ ୧୨ବର୍ଷୀୟା ଛାତ୍ରୀଙ୍କୁ ଗୋଡାଇ ଗୋଡ଼ାଇ କାମୁଡିଛି। ସ୍ଥାନୀୟ ବଡ଼ଗଡ଼ ଥାନା ଅନ୍ତର୍ଗତ ପତିତପାବନ ନଗରରେ ଏହି ଘଟଣା ଘଟିଛି। ଫଳରେ ଛାତ୍ରୀଙ୍କ ଓଠରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଷ୍ଟିଚ୍ ପକାଯିବା ସହ ଆବଶ୍ୟକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ ଛାତ୍ରୀ ଜଣକ ଟ୍ୟୁଶନ ଯାଉଥିଲେ। ପତିତପାବନ ନଗର ରାସ୍ତାରେ କିଛି ବୁଲା କୁକୁର ଗୋଡାଇବାରୁ ସେ ଦୌଡିଥିଲେ। କିଛି ବାଟ ଦୌଡ଼ିବା ପରେ ସେ ତଳେ ପଡିଯାଇଥିଲେ। ଏହି


ଫାଇଲ୍ ଫଟୋ।

ସମୟରେ ଗୋଟିଏ କୁକୁର ଛାତ୍ରୀଙ୍କୁ ଝୁଣି ପକାଇଥିଲା। ତାଙ୍କ ଓଠକୁ କାମୁଡି ଛିଣ୍ଡାଇ ଦେଇଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାକୁ କୁକୁରଟି ପଳାଇଥିଲା।

ରକ୍ତାକ୍ତ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ କୁକୁରଙ୍କ ଏଭଳି ଉତ୍ପାତ ପରେ ସ୍ଥାନୀୟ ଅଞ୍ଚଳରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ଭୟଭୀତ ହୋଇପଡିଛନ୍ତି। ଏହାପୂର୍ବରୁ ନୀଳାଦ୍ରିବିହାରରେ ଏକ କୁକୁର ଜଣେ ଶିଶୁପୁତ୍ରଙ୍କୁ କାମୁଡି ଗୁରୁତର କରିଦେଇଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା, ପ୍ରାଣୀ ପ୍ରେମୀ ଓ କୁକୁର ମାଲିକ ମୁହାଁମୁହିଁ ହୋଇଥିଲେ। ବିବାଦ ଉପୁଜିବାରୁ ବିଏମ୍‌ସି ପକ୍ଷରୁ ସହରକୁ ବୁଲାକୁକୁର ମୁକ୍ତ କରିବାକୁ ଖୋଦ୍ ମେୟର ଘୋଷଣା କରିଥିଲେ। ହେଲେ ଏବେ ବି ରାଜଧାନୀ ରାସ୍ତାରେ ଯେଉଁଠି ଦେଖିବ ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦିରେ କୁକୁର ପଲଙ୍କ ଉତ୍ପାତ ଲାଗି ରହିଛି।

# ଧଉଳି ଅଞ୍ଚଳରେ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୨୭।୫ (ଡିଏନ୍.ଏ.)**

ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ଗାମୁଛା ଦ୍ୱାରା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ପଳାସପୁର ଶାସନ ଅଞ୍ଚଳର ଅକ୍ଷୟ ଦାସ। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ପାରିବାରିକ କଳହରୁ ଅକ୍ଷୟ ଏଭଳି ନିଷ୍ପତ୍ତି ନେଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ସୂଚନାନୁସାରେ, ମୃତ ଅକ୍ଷୟ ପ୍ରାୟ ସମୟରେ ନିଶା ସେବନ କରନ୍ତି। ତେଣୁ ଏଭଳି ଖରାପ ଅଭ୍ୟାସ ପାଇଁ ବିବାହର କିଛି ମାସ ପରେ ସ୍ତ୍ରୀ ତାଙ୍କୁ ଛାଡି ପଳାଇଥିଲେ। ତେଣୁ ଅକ୍ଷୟ ଗତ ୨ ବର୍ଷ ଧରି ମାଆବାପାଙ୍କ ସହ ଘରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟାରେ ଅକ୍ଷୟ ଘରକୁ ଫେରି ଶୋଇବା ପାଇଁ ନିଜ ରୁମ୍‌କୁ ଚାଲିଯାଇଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ପରିବାର ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (୧୭/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ


୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ଅନ୍ୟ ଅଧିକାରୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ପୁରୀ ଅଫିସ,୨୭।୫**

୫-ଟି ସଚିବ ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସନ୍ଧ୍ୟା ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିସରକୁ ଯାଇ ରତ୍ନସିଂହାସନ ରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଖୁବ୍ କମ୍ ଦିନ ଥିବାରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଶେଷ ହେବ ସେନେଇ ମଧ ଅନୁଧ୍ୟାନ କରିଥିଲେ। ପଶ୍ଚିମ ଓ ଉତ୍ତର ଦ୍ୱାରରେ ଜାରି ରହିଥିବା ପରିକ୍ରମା ପ୍ରକଳ୍ପର ଆଉଟର ରୋଡ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହିତ ଉତ୍ତରରେ ଚାଲିଥିବା ବିଭିନ୍ନ ଜୋନର ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ଆସନ୍ତା ୪ ତାରିଖରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଦର୍ଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ସ୍ନାନଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ଚଳିତ ମାସ ୩୦ତାରିଖରେ କାର୍ଯ୍ୟ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୫-ଟି ସଚିବ ଚାଲିଥିବା ନିର୍ମାଣ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ଠିକା ନିଯୁକ୍ତି ଉଚ୍ଛେଦ ନ ହେଲେ ଆନ୍ଦୋଳନ

## ଧମକ ଦେଲା ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ



ବୈଠକରେ ରାଜ୍ୟ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ ସଭାପତି ଓ ଅନ୍ୟ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ଠିକା ନିଯୁକ୍ତି ଭଳି କୁତ୍ସିତ ପ୍ରଥା ସବୁଦିନ ପାଇଁ ଉଚ୍ଛେଦ କରିବା ନେଇ ଘୋଷଣା କରିଛନ୍ତି। ମାତ୍ର ଏବେ ମଧ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ଅଧୀନରେ ଥିବା ୧୨୭୨ଜଣ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ଠିକା ନିଯୁକ୍ତିରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ଏହାକୁ ନେଇ ରାଜ୍ୟ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏନେଇ ସଂଘ ପକ୍ଷରୁ ଶନିବାର ରେଡକ୍ରସ୍ ଭବନ ସମ୍ମିଳନୀ କକ୍ଷରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ୧୨୭୨ ଆର୍‌ବିଏସ୍‌କେ ଆୟୁଷ ଡାକ୍ତରଙ୍କୁ ସେମାନଙ୍କ ପାହ୍ୟା ମାନ୍ୟତାରେ ଦରମା ପ୍ରଦାନ ତଥା ସେମାନଙ୍କ ନିଯୁକ୍ତିକୁ ଯଥାଶୀଘ୍ର ନିୟମିତ କରିବା ସହ ରାଜ୍ୟ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନକୁ ନେବାକୁ ହେଉଥିବା ଦାବିକୁ ନେଇ ଆଲୋଚନା ହୋଇଥିଲା। ଓଡ଼ିଶା ଅଧୀନରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀଙ୍କ ନିଯୁକ୍ତିକୁ ଯଥାଶୀଘ୍ର ସ୍ଥାୟୀ କରା ନ ଗଲେ ସମସ୍ତ ଆରବିଏସ୍‌କେ ଆୟୁଷ ଡାକ୍ତରମାନେ ଏସ୍ମାକୁ ଖାତିର ନ କରି ଆନ୍ଦୋଳନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସଭାପତି ପ୍ରଭାତ ମହାନ୍ତି ଚେତାବନୀ ଦେଇଥିଲେ। ଏଥିସହ ସାମ୍ପ୍ରତିକ ସ୍ଥିତିରେ ଆୟୁଷ ଚିକିତ୍ସା ପଦ୍ଧତିକୁ କିପରି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଇ ପାରିବ ସେ ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଆର୍‌ବିଏସ୍‌କେ ଆୟୁଷ ଡାକ୍ତରଙ୍କ ଦ୍ୱାରା ୧୦ବର୍ଷ ଧରି ସମଗ୍ର ରାଜ୍ୟର ସମସ୍ତ ଅଞ୍ଚଳରେ କିପରି ଅଙ୍ଗନୱାଡି ଓ ବିଦ୍ୟାଳୟସ୍ତରୀୟ ପିଲାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ତାହାର ଏକ ବିସ୍ତୃତ ବିବରଣୀ ଦିଆଯାଇଥିଲା। ଆଗାମୀ ଦିନରେ ଭୁବନେଶ୍ୱର ସଂଘ ପକ୍ଷରୁ ଆର୍‌ବିଏସ୍‌କେ କାର୍ଯ୍ୟ ପ୍ରଣାଳୀକୁ ନେଇ ଏକ ୨ଦିନିଆ ସେମିନାର ଓ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଡା. ବିଶ୍ୱରଞ୍ଜନ ପ୍ରଧାନ, ଡା. ବିଜୟ ସାମଲ, କାର୍ଯ୍ୟକାରୀ ସଭାପତି ଡା. ହିମାଂଶୁ ଶେଖର ମିଶ୍ର, ସାଧାରଣ ସମ୍ପାଦକ ଡା. ରବୀନ୍ଦ୍ର ସେଠୀ, ଉପସଭାପତି ଡା. ଇନ୍ଦିରା ପ୍ରିୟଦର୍ଶିନୀ ଦାସ, ଡା. ଲିଙ୍ଗରାଜ ଦାଶ, ଡା. ସ୍ୱାଗତିକା ଦାଶ, ସହ ସମ୍ପାଦକ ଡା. ଜୟଶ୍ରୀ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ,୨୭।୫(ଡି.ଏନ୍.ଏ.): ବେଗୁନିଆ ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଏକ ନିଛାଟିଆ ସ୍ଥାନରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଭାଟପଡ଼ା ଗ୍ରାମର ମଦନ ମୋହନ ବାରିକ(୬୦)। ପୋଲିସ ସୂଚନା ମୁତାବକ, ୫ ଦିନ ପୂର୍ବେ ଏକ ଜରୁରୀ କାର୍ଯ୍ୟରେ ପାରାଦୀପ ଯିବେ ବୋଲି ମଦନ ପରିବାର ଲୋକଙ୍କୁ ଜଣାଇ ଯାଇଥିଲେ। ଗୁରୁବାର ରାତିରେ ମଦନ ମଧ ଘରକୁ ଫୋନ୍ କରିଥିଲେ। ଗ୍ରାମ ନିକଟ ବରପଦା ଖଣି ଅଞ୍ଚଳରେ ଥିବା ଏକ ବରଗଛରେ ଆତ୍ମହତ୍ୟା କରୁଛନ୍ତି ବୋଲି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କୁ ନ ପାଇ ନିରାଶରେ ଘରକୁ ଫେରିଥିଲେ। ତେବେ ଶନିବାର ସକାଳେ ରାଉତପଡ଼ା ଗ୍ରାମସ୍ଥିତ ଏକ ଖଣି ନିକଟ ବରଗଛ ଡାଳରେ କେହି ଜଣେ ଆତ୍ମହତ୍ୟା କରିଥିବା ଖବର ପ୍ରଚାରିତ ହୋଇଥିଲା। ଏହା ଶୁଣି ପୁଅ ସର୍ବେଶ୍ୱର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ ହୋଇଥିବା ଏସ୍ଆଇ ମାଧବାନନ୍ଦ ବସ୍ତିଆ କହିଛନ୍ତି।

# ଶୌଚାଳୟରେ ତାଲା, ଯାତ୍ରୀ ହଇରାଣ

ଖୋର୍ଦ୍ଧା ଅଫିସ,୨୭।୫



ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟ।



ପରିସ୍ରାଗାର ଉଦ୍‌ଘାଟନ ପରଠାରୁ ତାଲା ପଡିଛି।

- ଲୋକଙ୍କୁ ମିଳୁନି ମୌଳିକ ସୁବିଧା
- ୨ ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି
- ମାସିକ କୋଟିଏ ଆଦାୟ, ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ଖୋର୍ଦ୍ଧା ସହରର ବିକାଶ, ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦିଆଯାଉଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଉଥିବା ବେଳେ ଲୋକଙ୍କୁ ମୌଳିକ ସୁବିଧା ମିଳିପାରୁନାହିଁ। ଶୌଚାଳୟରେ ତାଲା ପଡ଼ିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପରିସ୍ରାଗାର ନିର୍ମାଣ କରାଯାଇଥିଲେ ମଧ ଉଦ୍‌ଘାଟନ ପର ଠାରୁ ତାଲା ଝୁଲୁଛି। ସେହିପରି ଚଳିତବର୍ଷ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏପରିକି ମିଶନ ଗୃହ ଉଦ୍‌ଘାଟନ ହେଉଛି, ହେଲେ ଶୌଚାଳୟ ସୁବିଧା ନାହିଁ। ୩ବର୍ଷ ହେବ ଦୁଇଟି ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଟେଣ୍ଡରରେ ଭାଗ ଛିଡୁ ନ ଥିବାରୁ ଏହାର ପୁନରୁଦ୍ଧାର ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ବାବଦକୁ ପୌର ପ୍ରଶାସନ ପକ୍ଷରୁ ପ୍ରତି ମାସରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ କରାଯାଉଛି। ତେବେ ଆଦାୟ ରାଜସ୍ୱ କେଉଁଠି ଖର୍ଚ୍ଚ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୌର ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଏବଂ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଦୁଇଟି ଶୌଚାଳୟ ରହିଛି। ଗତ ଦୁଇ ବର୍ଷ ହେବ ଶୌଚାଳୟରେ ତାଲା ଝୁଲୁଛି। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଚାରିପଟେ ଅନାବନା ଗଛଲତା ଉଠି ଲୁଚିଗଲାଣି। ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ କୋଠାରେ ଅନାବନା ଗଛଲତା ଉଠିଲାଣି। ସେହପରି ପୁରୁଣା ବସଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ରହିଥିବା ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେଠାରେ ଲୋକଙ୍କ ମୁକ୍ତ ପରିସ୍ରାଗାର ପାଲଟିଛି। ଉଭୟ ବସ୍‌ଷ୍ଟାଣ୍ଡରେ ଶୌଚ ପାଇଁ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମହିଳାମାନେ ହଇରାଣ ହେଉଛନ୍ତି। ଗତବର୍ଷ ସହରରେ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଆଦି ସ୍ଥାନରେ ପରିସ୍ରାଗାର ଉଦ୍‌ଘାଟନ ହୋଇଥିଲା। ଲୋକଙ୍କ କାମରେ ଆସିବ କ'ଣ ଏଥିରେ ୨୪ ଘଣ୍ଟା ତାଲା ଝୁଲୁଛି। ଅନ୍ୟପଟେ ସ୍ଥାନୀୟ ବ୍ୟବସାୟୀମାନେ ନିଜ ବ୍ୟବହାର ଲାଗି ତାଲା ପକାଇ ରଖୁଥିବା କେତେଜଣ ଯାତ୍ରୀ କହିଛନ୍ତି। ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପରିସ୍ରାଗାର ସ୍ଥାନୀୟ ବ୍ୟବସାୟୀଙ୍କ କବ୍‌ଜାରେ ରହିଥିବା ଜଣାପଡ଼ିଛି। ଚଳିତବର୍ଷ ଆଉ ୩ଟି ପରିସ୍ରାଗାର ଉଦ୍‌ଘାଟନ କରାଯାଇଛି। ସେଠାରେ ମଧ ସମାନ ଦୃଶ୍ୟ ରହିଛି। ଏନେଇ କଂଗ୍ରେସ ନେତା ଶିଶିର ପରିଡା କୁହନ୍ତି, ସହରର ଦୁଇଟି ଶୌଚାଳୟ ବନ୍ଦ ପଡିଛି। ଫଳରେ ବାହାରୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଲାରେ ମଳତ୍ୟାଗ କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ପୌର ଉପାଧକ୍ଷା ସୌର୍ଯ୍ୟ ରଞ୍ଜନ ମହାନ୍ତି କହିଛନ୍ତି, ନୂଆବସ୍‌ଷ୍ଟାଣ୍ଡ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡର ଶୌଚାଳୟ ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ।

# ଜୀବଜନ୍ତୁଙ୍କ ସେବାରେ ଶାନ୍ତିଲତା

ଖୋର୍ଦ୍ଧା ଅଫିସ,୨୭।୫

- ଖରାରେ ବୁଲି ସେବା ଯୋଗାଉଛନ୍ତି
- ଅର୍ଜିତ ଟଙ୍କା ଖର୍ଚ୍ଚ କରୁଛନ୍ତି



ଶାନ୍ତିଲତା ବେହେରା

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ରହିଛି। ଖୋର୍ଦ୍ଧା ସହର ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ରହୁଛି। ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରି ହେଉନି। ଲୋକଙ୍କ ପାଇଁ ପୌର ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ତେବେ ପୌର ପ୍ରଶାସନ ପକ୍ଷରୁ ଯଦିଓ କିଛି ସ୍ଥାନରେ ଜୀବଜନ୍ତୁଙ୍କ ଲାଗି ସିମେଣ୍ଟ ପାଣିକୁଣ୍ଡ କରାଯାଇଛି, ତେବେ ତାହା ସମୁଦ୍ରକୁ ଶଙ୍ଖେ ଭଳି। ଥରେ ପାଣି ଭର୍ତ୍ତି କରିବା ପରେ ପ୍ରଶାସନର ଦାୟିତ୍ୱ ସରିଲା। ଗୋରୁଗାଈ, କୁକୁର ପାଣି ପାଇଁ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଛି। ଏଭଳି ସମୟରେ ଏମାନଙ୍କ ପାଇଁ ସାହାରା ପାଲଟିଛନ୍ତି ଶାନ୍ତିଲତା ବେହେରା। ନିଜର ବୋଲି କେହି ନାହାନ୍ତି। ଖୋର୍ଦ୍ଧାର ରାସ୍ତାକଡ଼, ସରକାରୀ କାର୍ଯ୍ୟାଳୟ ବାରଣ୍ଡା ହେଉଛି ତାଙ୍କ ଘର। ଦୀର୍ଘ ୩୦ ବର୍ଷ ହେବ ଜୀବଜନ୍ତୁଙ୍କ ସେବା କରୁଛନ୍ତି। ଶାନ୍ତିଲତା କେତେବେଳେ ପରିବା ତ ଆଉ କେତେବେଳେ ମାଛ ବିକ୍ରିକରି ରୋଜଗାର କରୁଛନ୍ତି। ରୋଜଗାର ଟଙ୍କା ନିଜ ପାଇଁ ଖର୍ଚ୍ଚ କରିବା ପରିବର୍ତ୍ତେ ଜୀବଜନ୍ତୁଙ୍କ ପିଛା ଖର୍ଚ୍ଚ କରନ୍ତି। ଦୈନିକ ୩ରୁ ୪ଶହ ଟଙ୍କା ଖର୍ଚ୍ଚ କରୁଥିବା ସେ କହିଛନ୍ତି। ଗୋରୁଗାଈଙ୍କ ପାଇଁ ଦୋକାନ ଦୋକାନ ବୁଲି ପନିପରିବା ସଂଗ୍ରହ କରିଥାନ୍ତି। କୁକୁରଙ୍କ ପାଇଁ ପାଉଁରୁଟି, ବିସ୍କୁଟ, ଛଣା ଖାଦ୍ୟ ଯେଉଁଠୁ ପାଇଲେ, ସେମାନଙ୍କୁ ବୁଲି ଦେଉଛନ୍ତି। ଖରାକୁ ଖାତିର ନ କରି ବୁଲି ବୁଲି କୁକୁରଙ୍କୁ ପାଣି ଆଣି ପିଇବା ପାଇଁ ଦେଇଥାନ୍ତି। ବିଭିନ୍ନ ଛକରେ ତାଙ୍କର ଏଭଳି ନୀରବଚ୍ଛିନ୍ନ ସେବା ଜାରି ରହିଥାଏ। ରାସ୍ତାରେ ଯାଉଥିବା ଲୋକେ ମଧ ତାଙ୍କର ଏଭଳି ସେବା ଦେଖି ପ୍ରଶଂସା କରିଥାନ୍ତି। ଅନେକ ଯୁବକ ମଧ ତାଙ୍କୁ ସହଯୋଗର ହାତ ବଢ଼ାଇଥାନ୍ତି। କିଏ ୨୦ ଟଙ୍କା ତ ଆଉ କିଏ ୩୦ ଟଙ୍କା, ଜଳଖିଆ ପୁଡିଆ ଆଣି ଦେଇଥାନ୍ତି। ତେବେ ସେ ଏହାକୁ ସେବା ସମର୍ପଣ ଭାବେ ଗ୍ରହଣ କରି ଜୀବଜନ୍ତୁଙ୍କ ପିଛା ଖର୍ଚ୍ଚ କରନ୍ତି। ରାସ୍ତାକଡ଼ ପଲିଥିନ, ପ୍ଲାଷ୍ଟିକ୍, ମାଟିପତ୍ର ସଂଗ୍ରହ କରି ସେଥିରେ ପାଣି ଭର୍ତ୍ତିକରି କୁକୁରଙ୍କୁ ପିଇବା ପାଇଁ ଦେଇଥାନ୍ତି। କୁକୁରଗୁଡ଼ିକ ମଧ ଯେପରି ତାଙ୍କ ଆସିବା ବାଟକୁ ଅପେକ୍ଷା କରିଥାନ୍ତି। ଏପରିକି ସେ କୁକୁରମାନଙ୍କୁ ଗାଧୋଇ ଦେଇଥାନ୍ତି। ସେ କୁକୁର, ଗୋରୁଗାଈଙ୍କ ନାମକରଣ କରିଛନ୍ତି। ନାଁ ଧରି ଡାକିଲେ ସେମାନେ ତାଙ୍କ ନିକଟକୁ ଆସୁଥିବା ଦେଖିବାକୁ ମିଳିଛି।



ବେଗୁନିଆ: ବାଲୁଙ୍କେଶ୍ୱର ପୀଠ ପରିସରରେ ଶନିବାର ଅନୁଷ୍ଠିତ ସଂକୀର୍ତ୍ତନ ସମାରୋହରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# କାଳୁପଡ଼ାଘାଟ ଷ୍ଟେସନରେ ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ୫ରୁ

ଟାଙ୍ଗୀ(ଖୋର୍ଦ୍ଧା),୨୭।୫(ଡି.ଏନ୍.ଏ.)

### ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ଜୁନ୍ ୫ରୁ କାଳୁପଡ଼ାଘାଟ ରେଳ ଷ୍ଟେଶନରେ ରହିବ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍। ଏହି ଟ୍ରେନ କାଳୁପଡ଼ାଘାଟରେ ରହଣି ପାଇଁ ରେଳ ୟୁଜର୍ସ କମିଟି ପକ୍ଷରୁ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ୍ ପାତ୍ରଙ୍କ ମାଧମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖୁବ୍‌ଶୀଘ୍ର ରହଣିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଉକ୍ତ ଟ୍ରେନ୍ କାଳୁପଡ଼ାଘାଟ ଷ୍ଟେଶନରେ ରହିବା ନେଇ ପୂର୍ବତଟ ରେଳୱେ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏନେଇ ପୂର୍ବତନ ଜିଲା ପରିଷଦ ଗଙ୍ଗାଧର ପ୍ରଧାନ, କାଳୁପଡ଼ାଘାଟ ରେଳ ୟୁଜର୍ସ ଆସୋସିଏଶନ ସଭାପତି ଚନ୍ଦ୍ରକାନ୍ତ ପାଇକରାୟ, ଦିଲୀପ କୁମାର ନାଥ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ, ଷ୍ଟେଶନ ମାଷ୍ଟର ଦିବାକର ବିଶ୍ୱାଳ, ସାରଙ୍ଗଧର ବିଶ୍ୱାଳ, ତ୍ରିଲୋଚନ ସାହୁ, ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ରେଳମନ୍ତ୍ରୀଙ୍କ ସହିତ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଆଗାମୀ ଦିନରେ ଏଠାରେ ପ୍ରଶାନ୍ତି ଏକ୍ସପ୍ରେସ୍ ରହଣିର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ବାଲୁଙ୍କେଶ୍ୱର ପୀଠରେ ସଂକୀର୍ତ୍ତନ ସମାରୋହ

ବେଗୁନିଆ,୨୭।୫(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱରଙ୍କ ପୀଠ ପରିସରରେ ଶନିବାର ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସଂକୀର୍ତ୍ତନ ପରିବେଷଣ ଓ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ୮୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପୂର୍ବାହ୍ନରେ ବ୍ଲକ ଛକଠାରୁ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ପୀଠ ପରିସରରେ ପହଞ୍ଚିଥିଲା। ସେଠାରେ ଉପଦେଷ୍ଟା ବାସୁଦେବ ଭଞ୍ଜଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଂକୀର୍ତ୍ତନ ମଣ୍ଡଳୀର ଗାୟକ, ବାଦକ ଓ ସହଯୋଗୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶେଷକରି ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କୁ ଚିହ୍ନଟ କରାଯାଇ ଭତ୍ତା ପ୍ରଦାନ, ବୀମାଭୁକ୍ତ, ପିଲାମାନଙ୍କୁ ମାଗଣାରେ ଗୁଣାତ୍ମକ ଓ ଉଚ୍ଚଶିକ୍ଷା ପ୍ରଦାନ, କଳାକାରମାନଙ୍କ ପାଇଁ ଏକ ବୈଠକ ଗୃହ ଖୋର୍ଦ୍ଧା ଜିଲା ସଦର ମହକୁମାରେ ଯୋଗାଇ ଦିଆଯାଉ, ସଂକୀର୍ତ୍ତନ କଳାକାର କଲ୍ୟାଣ ପାଣ୍ଠିର ବ୍ୟବସ୍ଥା ଏବଂ ବାସଗୃହ ଯୋଗାଇଦେବାକୁ ମତ ପ୍ରକାଶ କରାଯାଇଥିଲା। ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସୁପାରିସ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷା ବିକାଶ ସଂସ୍ଥାନର ସଭାପତି କରୁଣାକର ପ୍ରଧାନ ମୁଖ୍ୟ ବକ୍ତା, ଜାତୀୟ ମାନବାଧିକାର କମିଶନର ସଦସ୍ୟ ମନୋଜ ଜେନା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଜଗନ୍ନାଥ ସଂକୀର୍ତ୍ତନ ପରିଷଦ ସଭାପତି ବିପ୍ରବର ସାହୁ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ରାଉତ, ସରପଞ୍ଚ ଲାବଣ୍ୟ ଜୟସିଂହ, ଉପସଭାପତି ଧନେଶ୍ୱର ଲେଙ୍କା, ଈଶ୍ୱର ପ୍ରଧାନ, ବିପିନ ବିହାରୀ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନାଦି ପାତ୍ର, ଖୋର୍ଦ୍ଧା ଜିଲା ସଭାପତି ପ୍ରସନ୍ନ ବଡ଼ଜେନା, ସମ୍ପାଦକ ସୁଦର୍ଶନ ଚମ୍ପତି, ପ୍ରଶାନ୍ତ ସ୍ୱାଇଁ, ମାୟାଧର ହୋତା, କାଶୀନାଥ ଜେନା, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ କଳାକାରମାନଙ୍କୁ ସରକାର ଅଗ୍ରାଧିକାର ଦିଅନ୍ତୁ ବୋଲି କହିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଭଗବତ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା। ପଣ୍ଡିତ ବିଦ୍ୱାନ୍‌ମାନେ ଭଗବତ୍ ଗୀତାର ମାହାତ୍ମ୍ୟ ସମ୍ପର୍କରେ ସବିଶେଷ ବିବରଣୀ ପାଠ କରିଥିଲେ। ସଂଯୋଜକ ପ୍ରସନ୍ନ କୁମାର ବିଶୋୟୀ ଧନ୍ୟବାଦ ଦେଇଥିଲେ।




ସଂକୀର୍ତ୍ତନ ସମାରୋହରେ ଉପସ୍ଥିତ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥି।

# କୁଆଖାଇରେ ବୁଡ଼ି ୨ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା, ୨୭।୫ (ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ନିକଟ କୁଆଖାଇ ନଦୀରେ ଶନିବାର ଗାଧୋଇବାବେଳେ ବୁଡ଼ିଯାଇ ୨ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭୁବନେଶ୍ୱର ଗାଡ଼କଣର ସ୍ମୃତି ସୌରଭ ପ୍ରଧାନ ଓ ଅନୁଗୋଳ ଜିଲା ରେଙ୍ଗାଲିର ସତ୍ୟଜିତ ଦାସ। ସ୍ମୃତି ସୌରଭ ଏକ ଘରୋଇ କମ୍ପାନୀରେ ଚାକିରି କରିଥିବାବେଳେ ସତ୍ୟଜିତ୍ ପଢ଼ାସରିବା ପରେ ଭୁବନେଶ୍ୱରରେ ରହି ଚାକିରି ଅନ୍ୱେଷଣରେ ଥିଲେ। ସୂଚନାନୁସାରେ, ସ୍ମୃତି ଓ ସତ୍ୟଜିତ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ କୁଆଖାଇ ନଦୀପଠାକୁ ବୁଲାବୁଲି କରିବାକୁ ଯାଇଥିଲେ। କିଛି ସମୟ ମଜାମସ୍ତି କରିବା ପରେ ସନ୍ଧ୍ୟାରେ ସତ୍ୟଜିତ ନଦୀ ଗର୍ଭକୁ ଗାଧୋଇବାକୁ ଯାଇଥିଲେ। ଅନ୍ୟସାଙ୍ଗମାନେ ଉପରେ ରହି ମଜା ନେଉଥିଲେ। କାହାକୁ ନଦୀର ଗଭୀରତା ଜଣା ନ ଥିଲା। ଗାଧୋଇବାବେଳେ ସତ୍ୟଜିତ୍ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ସ୍ମୃତି ସୌରଭ ନଦୀପାଣିକୁ ଲମ୍ଫ ପ୍ରଦାନ କରିଥିଲେ। ହେଲେ ସେ ମଧ ଗଭୀର ଜଳରେ ଫସିଯାଇଥିଲେ। ଆଖି ଆଗରେ ଦୁଇ ସାଙ୍ଗ ବୁଡିଯାଇଥିବା ଦେଖି ଉପରେ ଥିବା ଅନ୍ୟସାଙ୍ଗମାନେ ଚିତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରି ପ୍ରଥମେ ସ୍ମୃତିଙ୍କୁ ପାଣିରୁ ଚେତାଶନ୍ୟ ଭାବେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଅନ୍ଧାର ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାର ଘଣ୍ଟାଏ ପରେ ସତ୍ୟଜିତଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ଥାନା ପୋଲିସ ଉଭୟଙ୍କ ସାଙ୍ଗ ଓ ପରିବାର ଲୋକଙ୍କୁ ପଚରାଉଚରା କରିଛି। ରବିବାର ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଘରେ ପଶି ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ

ବେଗୁନିଆ,୨୭।୫(ଡି.ଏନ୍.ଏ.)

ଘରେ ପଶି ମହିଳାଙ୍କୁ ଅସଦାଚରଣ ଓ ଜୀବନରେ ମାରିଦେବାକୁ ଉଦ୍ୟମ ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଲଡ୍ଡୁ କିଶୋର ବେହେରା (୫୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତ ୨୫ ତାରିଖ ରାତିରେ ସମ୍ପୃକ୍ତ ମହିଳାଙ୍କ ପରିବାର ନିକଟ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ସେ ଘରେ ରହିଥିଲେ। ଘରେ ଏକୁଟିଆ ଥିବା ସୁଯୋଗ ନେଇ ସମ୍ପୃକ୍ତ ମହିଳାଙ୍କୁ ଲଡ୍ଡୁ ଅସଦାଚରଣ କରିଥିଲେ। ଏପରିକି କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶୁକ୍ରବାର ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୬୫/୨୩) ରୁଜୁ କରି ତଦନ୍ତ ଚଳାଇବା ସହ ଲଡ୍ଡୁଙ୍କୁ ଗିରଫ କରିଥିଲା।




## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୫।୨୦୨୩

| | |
|---|---|
| ୫,୦୫,୮୫୪ ଟଙ୍କା | |
| ସୁନା | ୩.୧୫୦ ଗ୍ରାମ୍ |
| ରୁପା | ୧୧.୩୦୦ ଗ୍ରାମ୍ |

# ରଥଯାତ୍ରାରେ ଟ୍ରାଫିକ, ଗାଡ଼ି ନିୟନ୍ତ୍ରଣକୁ ଗୁରୁତ୍ୱ

### ଆଞ୍ଚଳିକ ପରିବହନ ବିଭାଗର ସମନ୍ୱୟ ବୈଠକ

ପୁରୀ ଅଫିସ,୨୭।୫

ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ ପକ୍ଷରୁ ଏକ ସମନ୍ୱୟ ବୈଠକ ଆଞ୍ଚଳିକ ପରିବହନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରଥ ଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ସୁଚାରୁ ରୂପେ ପାଳନ କରାଯିବ ସେନେଇ ଆଲୋଚନା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଉପସ୍ଥିତ ଥିବା ଉପ ଆରକ୍ଷୀ ଅଧୀକ୍ଷକ, ଟ୍ରାଫିକ ଆରକ୍ଷୀ ଅଧିକାରୀ, ଟ୍ରାଫିକ ନିରୀକ୍ଷକ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ, ଟ୍ରାଫିକ ଥାନା ଅଧିକାରୀ, କୁମ୍ଭାରପଡ଼ା ଥାନା ଅଧିକାରୀ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଏମଭିଆଇ ବାମଦେବ ସାହୁ, ସହକାରୀ ଏମ୍‌ଭିଆଇ ଏବଂ ବିଭିନ୍ନ ବସ ସଂଘ କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରାଫିକ ସମସ୍ୟା ସମେତ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପଟ୍ଟନାୟକ ମତ ରଖି ଥିଲେ। ପାର୍କିଂ ନେଇ ଗାଡ଼ିଗୁଡ଼ିକରେ ମୂଲ୍ୟ ନିର୍ଦ୍ଧାରଣ ସୂଚୀ ଲଗାଇବା, ଭଡ଼ା ବାବଦରେ ଉଚିତ ମୂଲ୍ୟ ରଖିବା ବିଷୟ ମୁଖ୍ୟ ଆଲୋଚନା ରହିଥିଲା। ଏଥିପାଇଁ ସଂଘର କର୍ମକର୍ତ୍ତାମାନେ ପରିବହନ ଅଧିକାରୀଙ୍କୁ ୩ଦିନ ସମୟ ମାଗିଛନ୍ତି। ନଚେତ ଉପରିସ୍ଥ ଅଧିକାରୀଙ୍କ କଥା ବା ନିର୍ଦ୍ଦେଶକୁ ଯଦି ଖିଲାପ କରାଯାଏ ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ ସମ୍ମିଳନୀରେ କହିଛନ୍ତି। କିଭଳି ଭାବରେ ବସ୍‌ଷ୍ଟାଣ୍ଡକୁ ଗାଡି ଠିକ୍ ସମୟରେ ଏବଂ ଠିକ୍ ସମୟରେ ଗାଡି ଛାଡିବା ଏବଂ ଯାତ୍ରା ସମୟରେ କୌଣସି ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପ୍ରତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଦୁର୍ଘଟଣା ହ୍ରାସ ପାଇଁ ସମେତ ଭକ୍ତ ଶ୍ରଦ୍ଧାଳୁ ଯେମିତି ଠକାମିର ଶିକାର ନ ହେବେ ସେଥିପ୍ରତି ବିଭାଗ ତୀକ୍ଷ୍ଣ ନଜର ଦେବାକୁ ଏନଫୋର୍ସମେଣ୍ଟ ଷ୍ଟାଫକୁ ନିର୍ଦ୍ଦେଶ ଦିଆଯାଇଥିବା ସହ ଯାତ୍ରା ସମୟରେ ଗାଡି ଚେକିଂକୁ ଆହୁରି କଡ଼ା କରାଯିବ ବୋଲି ଆର୍‌ଟିଓ ପଟ୍ଟନାୟକ ବୈଠକରେ ସୂଚନା ଦେଇଛନ୍ତି ।



ଆଞ୍ଚଳିକ ପରିବହନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମନ୍ୱୟ ବୈଠକ ଅନୁଷ୍ଠିତ ସମନ୍ୱୟ ବୈଠକରେ ଅଧିକାରୀ ଓ ଅନ୍ୟମାନେ ।

# ୩୦, ୩୧ରେ ହେବ ଜନ ଶୁଣାଣି

### ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରସଙ୍ଗ

ପୁରୀ ଅଫିସ,୨୭।୫

ପୁରୀକୁ ବିଶ୍ୱ ଐତିହ୍ୟ ସହର ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ କାର୍ଯ୍ୟ କରୁଛି। ଏହି ଉନ୍ନତିମୂଳକ କାର୍ଯ୍ୟ ମଧ୍ୟରେ ପୁରୀରେ ଏକ ଅର୍ନ୍ତଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀଜଗନ୍ନାଥ ଧାମ ପୁରୀକୁ ସାରା ବିଶ୍ୱ ସହିତ ଯୋଡ଼ିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପୁରୀ ସହର ଉପକଣ୍ଠ ଗିରଳ ଛକ ନିକଟରେ ହେବାକୁ ଥିବା ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ ସରକାରଙ୍କ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଚଳିତ ମାସ ୩୦ ଓ ୩୧ ଦୁଇ ଦିନ ଜନ ଶୁଣାଣି ହେବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୩୦ ତାରିଖ ଦିନ ୧୧ଟାରେ ଶାମୁକା ଗ୍ରୀଡ ଷ୍ଟେଶନ ପଡିଆଠାରେ ସିପସୁରବାଲି ମୌଜା ଏବଂ ୩୧ ତାରିଖରେ ମଙ୍ଗଳାମଣ୍ଡପ ନିକଟରେ ଷଣ୍ଢପୁର ମୌଜା ଜନଶୁଣାଣି ହେବ। ଏହି ଜନଶୁଣାଣିରେ ଉକ୍ତ ଅଞ୍ଚଳଗୁଡ଼ିକର ଜମି ଅଧିଗ୍ରହଣ ଥିବାରୁ ସ୍ଥାନୀୟ ଲୋକଙ୍କଠାରୁ ବିଭିନ୍ନ ଅଭିଯୋଗ ଶୁଣାଯାଇ ଆଲୋଚନା କରାଯିବ।

# ୨ବାଇକ୍ ମୁହାଁମୁହିଁ, ୬ ଗୁରୁତର

ଗୋପ,୨୭।୫(ଡି.ଏନ୍.ଏ.)- ଗୋପ-କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ହୋଇଛି। ଏଥିରେ ୬ ଜଣ ଯୁବକ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମର ସୁଜିତ୍ ସ୍ୱାଇଁ, ବୀରତୁଙ୍ଗ ଗ୍ରାମର ଅଭିଷେକ ଦାସ, ସତ୍ୟବ୍ରତ ମହାନ୍ତି, ଖୋର୍ଦ୍ଧା ସଠିଲୋ ଗ୍ରାମର ଜ୍ୟୋତି ପ୍ରକାଶ ବେହେରା, ଭୁବନେଶ୍ୱରର ଚନ୍ଦନ ସାମନ୍ତରାୟ ଓ ସନ୍ଦୀପ ମିଶ୍ର। ପୋଲିସ ୨ ବାଇକ୍ ଜବତ ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ ବାଇକ୍‌ରେ ସୁଜିତ୍, ଅଭିଷେକ ଓ ସତ୍ୟବ୍ରତ କୋଣାର୍କ ବୁଲି ଯାଉଥିଲେ। ଅପରପାର୍ଶ୍ୱରୁ କୋଣାର୍କ ବୁଲି ସାରି ଜ୍ୟୋତି ପ୍ରକାଶ, ଚନ୍ଦନ ଓ ସନ୍ଦୀପ ଏକ ବାଇକ୍‌ରେ ଫେରୁଥିଲେ। ମାତ୍ର ଶାରଡ଼ା ଛକରେ ୨ ବାଇକ୍ ମୁହାଁମୁହିଁ ହୋଇଥିଲା। ଫଳରେ ସମସ୍ତେ ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଓ ଗୋପ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ହେଲେ ସିଜୁତ୍ ବର୍ତ୍ତମାନ ଆଇସିୟୁରେ ଥିବା ଜଣାପଡ଼ିଛି। ଦୁର୍ଘଟଣାର ୫ ମିନିଟ୍‌ରେ ଆମ୍ବୁଲାନ୍ସ ଓ ଦମକଳ ଆସିଥିବାରୁ ଲୋକେ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# ନେତା, କର୍ମୀଙ୍କ ମଧ୍ୟରେ ବିଶ୍ୱାସ ରହିବା ଦରକାର

### ମଣ୍ଡଳୀସ୍ତରୀୟ ବୈଠକ

ଗୋପ,୨୭।୫(ଡି.ଏନ୍.ଏ.)

ନେତା, ନେତୃତ୍ୱ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ବିଶ୍ୱାସ ଭରସା ରହିବା ଆବଶ୍ୟକ। ନ ହେଲେ ବିରୋଧୀ ଏହାର ଫାଇଦା ନେବେ। ଗୋପ ବ୍ଲକ ଅନ୍ତର୍ଗତ ଗଡ଼ଭିଙ୍ଗୁରା ପଞ୍ଚାୟତର ବିଶିଷ୍ଟ ଶୈବପୀଠ ଯୋଡ଼ାଲିଙ୍ଗରେ ଶନିବାର ବିଜେଡି ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଉପସ୍ଥିତ କର୍ମୀଙ୍କୁ ଏହା କହିଥିଲେ। ବୈଠକରେ ନିର୍ବାଚନ ମଣ୍ଡଳୀର ଶତାଧିକ ନେତୃବୃନ୍ଦ ଯୋଗଦେଇଥିଲେ। ପୁରୀ ଜିଲା ଅନ୍ତର୍ଗତ ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ବିଜେଡିର ପରାଜୟ ପରେ ବାରମ୍ବାର ଦଳୀୟ ବୈଠକ ହେଉଛି। ଏଥିରେ ଦଳର ନେତୃବୃନ୍ଦଙ୍କ ମଧ୍ୟରେ ପରିବର୍ତ୍ତନର ଆବଶ୍ୟକତା ରହିଥିବା ଅଧିକାଂଶ କର୍ମୀ ଦାବି ରଖିଛନ୍ତି। ପ୍ରକାଶ ଯେ, ଗତ ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାଗୀରଥି ସେନାପତି ମାତ୍ର ୧୬୭ ଖଣ୍ଡ ଭୋଟରେ ପରାଜିତ ହେବାରୁ ଦଳର ନେତାଙ୍କୁ ଦଳୀୟ କର୍ମୀ ଦାୟୀ କରିଥିଲେ। ଏପରିକି ୭ ପଞ୍ଚାୟତ ସଭାପତି ଇସ୍ତଫା ଦେଇଥିଲେ। ଜିଲା ପରିଷଦ ସଭ୍ୟ ପଦ ବିରୋଧୀ ହାତକୁ ଯିବା ପରେ ବିଧାୟକ ଦାଶ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ଏବେ ମାନସ ମନ୍ଥନ ଚାଲିଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ଆଗାମୀ ନିର୍ବାଚନ ପାଇଁ କେଉଁ ଦାୟିତ୍ୱ କିଏ ନିର୍ବାହ କରିବେ ତାକୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ନେତୃବୃନ୍ଦ ସାଧାରଣ ନିର୍ବାଚନରେ ଠିକ୍ ଭାବେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ସନତ୍ ପ୍ରଧାନ, ପୂନେଶ ସେନାପତି, ନିରଞ୍ଜନ ଶଗଡ଼ିଆ, ରବୀନ୍ଦ୍ର ନାୟକ ପ୍ରମୁଖ ଦଳ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।



ଗୋପରେ ଅନୁଷ୍ଠିତ ମଣ୍ଡଳୀସ୍ତରୀୟ ବୈଠକରେ ଉପସ୍ଥିତ କର୍ମୀମାନେ ଶପଥ ନେଉଛନ୍ତି ।

# ସ୍ନାନପୂର୍ଣ୍ଣିମୀର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ





ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ପିପିଲି,୨୭।୫(ଡି.ଏନ୍.ଏ.)

ପବିତ୍ର ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଭକ୍ତ ଦାସିଆ ସ୍ମୃତି କମିଟିର ବୈଠକରେ ଆଲୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥ ଶହୀଦ୍‌ନଗର ବିଷ୍ଣୁମନ୍ଦିରର ସାଂସ୍କୃତିକ ଭବନ କକ୍ଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ ବିଗତ ବର୍ଷର ସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାର ଆୟବ୍ୟୟ ଉପସ୍ଥାପନ କରିବା ସହ ଚଳିତବର୍ଷର ଖର୍ଚ୍ଚ ଆକଳନର ବିବରଣୀ ଉପସ୍ଥିତ ସଦସ୍ୟଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ। ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଉକ୍ତ ଆର୍ଥିକ ଆବଶ୍ୟକତାକୁ ସଦସ୍ୟମାନଙ୍କ ଯଥାଶକ୍ତି ସହଯୋଗରେ ପୂରଣ କରାଯାଇ ନିଜ ନିଜ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ। ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ନାରାୟଣ ମହାପାତ୍ର, ଦିବ୍ୟଦିଗନ୍ତର ସଭାପତି ଜୟ ପ୍ରକାଶ ମିଶ୍ର, ରୋଟାରିୟାନ ଅବନୀକାନ୍ତ ପଟ୍ଟଯୋଶୀ, ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗହଣ କରିଥିଲେ। ପୁରୀ ଶ୍ରୀମନ୍ଦିରର କାର୍ଯ୍ୟ ନିର୍ଘଣ୍ଟ ପରେ ଭକ୍ତ ଦାସିଆଙ୍କ ପୀଠରେ ଉପରୋକ୍ତ ସମସ୍ତ କାର୍ଯ୍ୟ ଧାରା ନିର୍ଦ୍ଦିଷ୍ଟ ସମୟରେ କରାଯିବା ପାଇଁ ସ୍ଥିର କରାଯାଇଥିଲା । ସଭା ଆରମ୍ଭରେ ନୂତନ ସଭ୍ୟ ଅର୍ଜୁନଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରୟାସରେ ଗୁରୁ କାଶୀନାଥଙ୍କ ଅବଦାନ ଅତୁଳନୀୟ

ପୁରୀ ଅଫିସ,୨୭।୫

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରୟାସରେ ଗୁରୁ ପଣ୍ଡିତ କାଶୀନାଥ ପୂଜାପଣ୍ଡାଙ୍କ ଅବଦାନ ଅତୁଳନୀୟ। ଏଥିପାଇଁ ସେ ସର୍ବଦା ଓଡ଼ିଶାବାସୀଙ୍କ ପାଇଁ ସଦାସ୍ମରଣ ରହିବେ ବୋଲି ମୁଖ୍ୟ ଅତିଥି ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି। ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସଂସଦ ପକ୍ଷରୁ ଇଷ୍ଟେଟର ନନ୍ଦିଘୋଷ କକ୍ଷରେ ଆୟୋଜିତ ୨ଦିନିଆ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କହିଥିଲେ, ସ୍ୱର୍ଗତ ପୂଜାପଣ୍ଡା, ରାଷ୍ଟ୍ରପତିଙ୍କଠାରୁ ଓଡ଼ିଶୀ ସଙ୍ଗୀତ ପାଇଁ ପ୍ରଥମଥର କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲେ। ଯାହା ତାଙ୍କର ଓଡ଼ିଶୀ ସଙ୍ଗୀତ ପାଇଁ ଥିବା ଅବଦାନ ସମ୍ପର୍କରେ ପ୍ରମାଣ ଦିଏ। ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଆବାହକ ହାଡିବନ୍ଧୁ ପୂଜାପଣ୍ଡା ଏବଂ ସମ୍ପାଦକ ସତ୍ୟନାରାୟଣ ଗୁରୁଙ୍କ ସମ୍ପାଦନାରେ କାର୍ଯ୍ୟର ପ୍ରଥମ ଅଧିବେଶନରେ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ସାଂସ୍କୃତିକ ସଂଗଠକ ଉମେଶ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ରଘୁନାଥ ପ୍ରତିହାରୀ, ଗୌରାଙ୍ଗ ଖୁଣ୍ଟିଆ, ପ୍ରକାଶ ରଥ, ଶଙ୍ଖମିତ୍ର ସିଂହାରୀ, ଦେବାଂଶୀ ଦାଶ, ବାଳକୃଷ୍ଣ ବାରିକ, ଅଶୋକ ମହାନ୍ତି, ପ୍ରଭାତୀ ତ୍ରିପାଠୀ, ଲୋକନାଥ ବାରିକ, ଦିବ୍ୟାଂଶୀ ମହାପାତ୍ର, ସବିତା ମିଶ୍ର ଓଡ଼ିଶୀ, ଛାନ୍ଦ ଓ ଚମ୍ପୁ ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଭାରତବର୍ଷର ବିଶିଷ୍ଟ ସନ୍ତୁର ବାଦକ ପଣ୍ଡିତ ସନ୍ଦୀପ ଚାଟାର୍ଜୀ ଓ ଅନ୍ତର୍ଜାତୀୟ ତବଲା ବାଦକଙ୍କ ଯୁଗଳବନ୍ଦୀ ଶ୍ରୋତା -ଦର୍ଶକଙ୍କୁ ଅଭିଭୂତ କରିଥିଲେ। ପରେ ବିଶିଷ୍ଟ ଗୁରୁ ଡା.ସୁଶାନ୍ତ କୁମାର ପାଣି, ଗୁରୁ ଚନ୍ଦ୍ରମଣି ଲେଙ୍କା, ଗୁରୁ ଅଚ୍ୟୁତ ମହାରଣା, ସୁଚରିତା ପ୍ରତିହାରୀ ପ୍ରମୁଖ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିମାନେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଗଙ୍ଗାଧର ପୂଜାପଣ୍ଡାଙ୍କୁ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ ପ୍ରଦାନ କରିବା ସହ ପଣ୍ଡିତ ଭଟ୍ଟାଚାର୍ଯ୍ୟ ଓ ପଣ୍ଡିତ ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ସଞ୍ଚାଳନ କରିଥିଲେ। ପ୍ରେମନାଥ ଗୁରୁ, ଅମରନାଥ ଗୁରୁ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସଙ୍ଗୀତ ଗୁରୁ କାଶୀନାଥ ପୂଜାପଣ୍ଡାଙ୍କ ସ୍ମୃତି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

# ଛାତ୍ରୀଛାତ୍ର, ପୁସ୍ତକ ବିକ୍ରେତା ହଟହଟା

### ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଢାଞ୍ଚା ପରିବର୍ତ୍ତନ

କଣାସ,୨୭।୫(ସ୍ୱ.ପ୍ର.)

ଦୀର୍ଘ ୩ ବର୍ଷ ହେଲା ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ସମେଟିଭ୍-୧ ଓ ସମେଟିଭ୍-୨ ପଦ୍ଧତି ଅନୁସାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିଲା। ଛାତ୍ରୀଛାତ୍ର ଏହି ଢାଞ୍ଚାରେ ପରୀକ୍ଷା ଦେବାକୁ ମାନସିକସ୍ତରରେ ନିଜକୁ ପ୍ରସ୍ତୁତ କରିସାରିଥିବାବେଳେ ହଠାତ୍ ଏହି ଢାଞ୍ଚାକୁ ପରିବର୍ତ୍ତନ କରି ପୁରୁଣା ଢାଞ୍ଚାରେ ଦଶମ ଶ୍ରେଣୀ ପରୀକ୍ଷା କରିବାକୁ ଘୋଷଣା ହୋଇଛି। ଫଳରେ ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପ୍ରଥମତଃ ପିଲାମାନେ ପୁରୁଣା ଢାଞ୍ଚାରେ ପରୀକ୍ଷା ଦେବାକୁ ବିମୁଖ ହେଉଥିବା ଦୃଶ୍ୟ ନଜରକୁ ଆସିଛି। କାରଣ ନବମ ଶ୍ରେଣୀରେ ସେହି ପିଲା ସେମିଷ୍ଟର ଢାଞ୍ଚାରେ ପରୀକ୍ଷା ଦେଇ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟରେ ଏହି ପିଲାମାନେ ଏପ୍ରିଲରୁ ବହି ଓ ଟେଷ୍ଟପେପର ଇତ୍ୟାଦି କିଣି ନିଜକୁ ପ୍ରସ୍ତୁତ କରୁଥିଲେ। ଟେଷ୍ଟପେପର ପ୍ରକାଶନ ସଂସ୍ଥା ଟେଷ୍ଟପେପର ସେମିଷ୍ଟର ଢାଞ୍ଚାରେ ପ୍ରସ୍ତୁତ କରି ବିକ୍ରି ନିମନ୍ତେ ବଜାରକୁ ଛାଡିଥିଲା। ଫଳରେ ପିଲାମାନେ ଗାଁ ଗହଳିରେ ଥିବା ପୁସ୍ତକ ବିକ୍ରେତାଙ୍କଠାରୁ ଏହି ସେମିଷ୍ଟର-୧ କିଣିଥିଲେ। କିନ୍ତୁ ଏବେ ହଠାତ୍ ପାଠ୍ୟକ୍ରମ ପରିବର୍ତ୍ତନ ଯୋଗୁ ଛାତ୍ରୀଛାତ୍ର ଦୋକାନୀଙ୍କୁ ଉକ୍ତ ଟେଷ୍ଟପେପର ଫେରାଇ ଦେଇ ତାଙ୍କର ଟଙ୍କା ଫେରାଇ ନେବାକୁ ଅଡ଼ି ବସିଛନ୍ତି। ହୋଲସେଲ୍‌ର ପୁସ୍ତକ ବିକ୍ରେତା ଖୁଚୁରା ଦୋକାନୀଙ୍କଠାରୁ ଟେଷ୍ଟପେପର ଫେରସ୍ତ ନେଉନାହାନ୍ତି। ଯେଉଁ କମ୍ପାନୀ ଟେଷ୍ଟପେପର ପ୍ରସ୍ତୁତ କରିଛି ସେମାନେ ନେବାକୁ ରାଜି ହେଉ ନ ଥିବା କହିଛନ୍ତି। ତେଣୁ ଛାତ୍ରୀଛାତ୍ର ଓ ଗାଁ ଗହଳିର ପୁସ୍ତକ ବିକ୍ରେତା ଏବେ ହଟହଟାର ଶିକାର ହେଉଛନ୍ତି। ଏ ଦିଗରେ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଦାବି କରିଛନ୍ତି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କୁଙ୍ଗ୍‌ଫୁ ବେଲ୍ଟ ଟେଷ୍ଟ ଏକ୍ସାମିନେଶନ, ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ, ଲକ୍ଷ୍ମୀସାଗର, ସକାଳ ୯ଟା ୩୦।
- ୩୧ତମ ନେତ୍ରାଞ୍ଜଳି ଫେଷ୍ଟିଭାଲ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ବିଙ୍ଗ୍ ଷ୍ଟଙ୍ଗ ୨୪ ଜିମ୍‌ର ଉଦ୍‌ଘାଟନ, ୬୪୪/ଖାରପଡ଼ା କେନାଲ ରୋଡ୍, ପୂର୍ବାହ୍ନ ୧୦ଟା।
- କମ୍ରେଡ୍ ଶିବରାମଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ରାଜ ଗ୍ରୁପ୍ ଅଫ୍ କମ୍ପାନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ହୋଟେଲ ସୂର୍ଯ୍ୟାଂଶ, ଅପରାହ୍ନ ୩ଟା ୩୦।
- ଆଶ୍ରୟର ୧୩ତମ ସ୍ୱନକ୍ଷତ୍ର, ସୂଚନା ଭବନ, ଅପରାହ୍ନ ୫ଟା।
- ଶ୍ୱେତ ସଙ୍କେତର ଚନ୍ଦନ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ, ଅପରାହ୍ନ ୫ଟା ୩୦।
- ଗନ୍ଧର୍ବ କଳା ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ପୁରୀ

- ସ୍ୱାସ୍ଥ୍ୟ ଶିବିର, ସେନାପତି ବଗିଚା, ସକାଳ ୮ଟା।
- ସଂସ୍କୃତ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ମହାବୀର ମନ୍ଦିର ପ୍ରାଙ୍ଗଣ, ହାଡ଼ଗଡିଆ ସାହି, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମର ମହୋତ୍ସବ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- କାଶୀନାଥ ପୂଜାପଣ୍ଡାଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ, ଗୁରୁ କ୍ଷେତ୍ର, ବଡ଼ଦାଣ୍ଡ, ଅପରାହ୍ନ ୩ଟା।

କଟକ

- ଖବରକାଗଜ ବିକ୍ରେତା ସଂଘ, କଟକର ୫୫ତମ ପ୍ରତିଷ୍ଠା ବାର୍ଷିକୀ ସମାରୋହ, କ୍ଲବ ହାଉସ, ବାରବାଟୀ ଷ୍ଟାଡିୟମ, ସନ୍ଧ୍ୟା ୬ଟା।

# ଶାନ୍ତନୁ ଆଚାର୍ଯ୍ୟଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ସମ୍ମାନ'

### ଅନ୍ୟ ୭ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ୪୯ତମ ଗାନ୍ଧର୍ବ କଳା ମହୋତ୍ସବ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ସହସଂସ୍ଥାପିକା ବାସନ୍ତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଦୁଇଦିନିଆ ମହୋତ୍ସବକୁ ପ୍ରସିଦ୍ଧ କଥା ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣ କାନ୍ତି ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ କଥା ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା। ଏଥିସହିତ ବିଶିଷ୍ଟ ବୀଣା ବାଦକ ପଣ୍ଡିତ କେ. ରାମାରାଓ ପାତ୍ରଙ୍କୁ 'ଗାନ୍ଧର୍ବ କଳା ଉତ୍ସର୍ଗୀକୃତ ସାଧନା ସମ୍ମାନ', ଡ. ସାରଦୀ ସାଇକିଆଙ୍କୁ 'ଗାନ୍ଧର୍ବ କଳାଶ୍ରୀ ସମ୍ମାନ', ସଦାନନ୍ଦ ତ୍ରିପାଠୀଙ୍କୁ 'ଗାନ୍ଧର୍ବ ସାହିତ୍ୟ କଳା ସମ୍ମାନ', ପ୍ରଫେସର୍ ଡ. ଜଗନ୍ନାଥ କୁଅଁରଙ୍କୁ 'ଗାନ୍ଧର୍ବ ସଙ୍ଗୀତ କଳା ସମ୍ମାନ', ଅଞ୍ଜନ କୁମାର ସାହୁଙ୍କୁ 'ଗାନ୍ଧର୍ବ ଦୃଶ୍ୟ କଳା ସମ୍ମାନ' ଏବଂ ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟଙ୍କୁ ଯୁଗ୍ମ ଭାବରେ 'ଗାନ୍ଧର୍ବ କଳା ଯୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦିକା ଡ. ଗାୟତ୍ରୀ ମିଶ୍ର ସ୍ୱାଗତ ଭାଷଣ ଓ ଉତ୍ସବ ନିର୍ଦ୍ଦେଶକ ସଞ୍ଜୟ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ଗାନ୍ଧର୍ବ କଳା ପରିଷଦର ଶିଳ୍ପୀମାନେ ଡ. ଦିବାକର ମିଶ୍ରଙ୍କ ଦ୍ୱାରା ରଚିତ ପଞ୍ଚଦେବ ସ୍ତୁତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଡ. ସାରଦୀ ସାଇକିଆ ସତ୍ରୀୟ ନୃତ୍ୟ, ଡ. ମନୋରଞ୍ଜନ ପ୍ରଧାନ ଓ ମିନତୀ ପ୍ରଧାନ ଓଡ଼ିଶୀ ଯୁଗଳ ନୃତ୍ୟ, ଲିଙ୍ଗରାଜ ପ୍ରଧାନ ଓଡ଼ିଶୀ ସମୂହ ନୃତ୍ୟ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ତପନ ମିଶ୍ର। କନ୍‌ଭେନର ଉମାକାନ୍ତ ଜେନା ଓ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା ଉପସ୍ଥିତ ଥିଲେ।



ଗାନ୍ଧର୍ବ କଳା ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।


ଉଦ୍‌ଘାଟନୀ ସନ୍ଧ୍ୟାରେ ନୃତ୍ୟ ପରିବେଷଣ କରାଯାଉଛି।



ଆଜି ନୂଆଦିଲ୍ଲୀଠାରେ ନୂତନ ପାର୍ଲାମେଣ୍ଟ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ଶନିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି।

## ନିରଞ୍ଜନ ଓ ଶରତଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ'

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ନୃତ୍ୟାଞ୍ଜଳିର ୩୧ତମ ବାର୍ଷିକୋତ୍ସବ ଶନିବାର ଉତ୍କଳ ରଙ୍ଗମଞ୍ଚଠାରେ ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ଦିବସରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରିଥିଲେ। ଅତିଥି ଭାବେ ବିଶିଷ୍ଟ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପ୍ରବୋଧ ରଥ, ଗୁରୁ ସୁକାନ୍ତ କୁଣ୍ଡୁ, ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ଜେନା, ନୃତ୍ୟଗୁରୁ ଦୁର୍ଗା ଚରଣ ରଣବିର, ଗଙ୍ଗାଧର ବିଶ୍ୱାଳ, ପୁଷ୍ପରଞ୍ଜନ ମଙ୍ଗରାଜ ଉପସ୍ଥିତ ଥିଲେ। ଗୁରୁ ନିରଞ୍ଜନ ରାଉତ ଓ ଶରତ ଚନ୍ଦ୍ର ଧଳଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଗରମ ଡାଲି ପଡ଼ି ୨ ବୋଝିଆ ଆହତ

ପୁରୀ ଅଫିସ,୨୭।୫

ଶ୍ରୀମନ୍ଦିର ପରିସରରେ ଶନିବାର ମଧ୍ୟାହ୍ନରେ ଏକ ଅଘଟଣ ଘଟିଛି। ମହାପ୍ରସାଦ ବୋଝେଇ ନେଉଥିବା ବେଳେ ଗରମ ଡାଲି ପଡ଼ି ୨ଜଣ ବୋଝିଆ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ବାରମ୍ବାର ଏପରି ଘଟଣା ଘଟୁଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ବାହକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସୂଚନାଯୋଗ୍ୟ, ଶନିବାର ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ପରମ୍ପରା ଅନୁଯାୟୀ ବୋଝିଆ ବା ମହାପ୍ରସାଦ ବାହକମାନେ ବେତା ନେଇ ମହାପ୍ରସାଦ ଭୋଗମଣ୍ଡପରୁ କାଢି ଆନନ୍ଦବଜାରକୁ ନେବା ପାଇଁ ଯାଇଥିଲେ। ମହାପ୍ରସାଦ ନେଇ ୨ ବୋଝିଆ ତଳଜଙ୍ଗ ଗ୍ରାମର ପପି ପ୍ରଧାନ ଓ ବ୍ରହ୍ମଗିରି ଅଞ୍ଚଳର ପ୍ରଦୀପ ସାହୁ ଆସିବାବେଳେ ଭୋଗମଣ୍ଡପ ରାସ୍ତା ଖସଡ଼ା ଥିବାରୁ ତାଙ୍କର ଗୋଡ଼ ଖସି ତଳେ ପଡ଼ିଯାଇଥିଲେ। ଫଳରେ ୨ଜଣଙ୍କ ଦେହରେ ଗରମ ଡାଲି ପଡ଼ି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏ ପ୍ରସଙ୍ଗରେ ସଂଘ ସଭାପତି ରୋହିତ ଦାଶଙ୍କ କହିବା ଅନୁଯାୟୀ, ମହାପ୍ରସାଦ ଭୋଗ ସରିଲେ ବୋଝିଆମାନେ ବେତା ନେଇ ମହାପ୍ରସାଦକୁ ବାହାରକୁ ଆଣନ୍ତି। ଅନେକ ସମୟରେ ମହାପ୍ରସାଦ ଆଣିବା ସମୟରେ ଅଘଟଣ ଘଟୁଛି। ଯାହାକୁ ନେଇ ବୋଝିଆ ଭାଇମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଇନ୍ସୁରାନ୍ସ କରିବା ପାଇଁ ବାରମ୍ବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳଙ୍କୁ ଜଣାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ସମସ୍ତ ବୋଝିଆଙ୍କ ପାଇଁ ପ୍ରଶାସନ ପକ୍ଷରୁ ଇନ୍ସୁରାନ୍ସ କରାଯାଉ। ସେହିଭଳି ଅନେକ ସମୟରେ ବାହର ପିଲା ଆସି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ତେଣୁ ଆଇଡି କାର୍ଡ ପାଇଁ ମଧ୍ୟ କରିବାକୁ ସୁଆର ମହାସୁଆର ନିଯୋଗ, ପ୍ରଶାସନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି ହେଉଛି। ଏଥିସହ ଗୋଡ଼ ଖସୁଥିବା ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସଂଘ ସଭାପତି ରୋହିତ ଦାଶ ଦାବି କରିଛନ୍ତି।

### ଇନ୍ସୁରାନ୍ସ, ଆଇକାର୍ଡ କରିବାକୁ ଦାବି

# ମେନଷ୍ଟ୍ରୁଆଲ କପ୍: ସଚେତନତା ଲୋଡ଼ା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଋତୁସ୍ରାବ ଯାହା ଦିନେ ଏକ ଅକୁହା କଥା ହୋଇ ରହିଥିଲା ଏବେ କିନ୍ତୁ ଏନେଇ ଆଲୋଚନା ହେଲାଣି। ତେବେ ଋତୁସ୍ରାବ ସମୟରେ ସ୍ୱଚ୍ଛତା କିଭଳି ଅବଲମ୍ବନ କରାଯିବ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଭାରତରେ ପ୍ରାୟ ୬୪ପ୍ରତିଶତ ମହିଳା ଋତୁସ୍ରାବ ସମୟରେ ସାନିଟାରି ନାପକିନ୍ ବ୍ୟବହାର କରିଥାନ୍ତି। ଆଉ କେତେ ଜଣ କପଡ଼ା ଓ ଅନ୍ୟ ପଦ୍ଧତି ଆପଣାଇଥାନ୍ତି। ନିକଟରେ ଏକ ରିପୋର୍ଟରୁ ଜଣାପଡ଼ିଛି, ସାନିଟାରି ନାପକିନ୍ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗ ହେବାର ସମ୍ଭାବନା ରହିଥାଏ। ନାପ୍‌କିନ୍ ସଫା ଦେଖାଯିବା ପାଇଁ ଏଥିରେ କ୍ଲୋରିନ୍ ବ୍ଲିଚ୍ଡ ଫାଇବର ଦିଆଯାଇଥାଏ, ଯାହା ଡାଇଅକ୍ସିନ ସୃଷ୍ଟି କରିବା ସହ ହରମୋନ୍ ଡିଫଙ୍କଶନର ମୂଳ କାରଣ ହୋଇଥାଏ। ସାନିଟାରି ନାପକିନ୍ ବଦଳରେ ମେନଷ୍ଟ୍ରୁଆଲ କପ୍‌ର ମଧ୍ୟ ବ୍ୟବହାର କରାଯାଇପାରିବ। ଏ ସମ୍ପର୍କରେ ଅନେକେ ଜାଣିଥିଲେ ମଧ୍ୟ ଏହାର ବ୍ୟବହାର ହୋଇପାରୁ ନାହିଁ। ସାନିଟାରି ନାପକିନ୍ ରୋଗ ସୃଷ୍ଟି କରିବା ସହ ପରିବେଶ ପାଇଁ ମଧ୍ୟ କ୍ଷତିକାରକ ହୋଇଥାଏ। କିନ୍ତୁ ମେନଷ୍ଟ୍ରୁଆଲ କପ୍ ପରିବେଶ ଅନୁକୂଳ ହେବା ସହ ଏହା ଥରେ କିଣିଲେ ଏହାକୁ ପୁନଃ ବ୍ୟବହାର ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାବହର କରାଯାଇପାରିଥାଏ। ଆଉ ଇନ୍‌ଫେକ୍ସନର ସମ୍ଭାବନା ଥିଲେ ମଧ୍ୟ ଅନ୍ୟାନ୍ୟ ତୁଳନାରେ କମ୍ ରହିଛି। ତେବେ ଏନେଇ ଅଧିକ ଆଲୋଚନା ଓ ସଚେତନା ଅଭାବ ଯୋଗୁ ଏହାର ବ୍ୟାବହର ବୃଦ୍ଧି ପାଉନାହିଁ। ଏମିତିକି ବଜାରରେ ମଧ୍ୟ ଏହା ପ୍ରାୟ ଉପଲବ୍ଧ ହେଉ ନ ଥିବା ଜଣାପଡ଼ିଛି।

ଏ ନେଇ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଥିବା ଏକ ମେଡିସିନ ଷ୍ଟୋରରେ କାମ କରୁଥିବା ଜଣେ ମହିଳା କହିଛନ୍ତି, ମେନଷ୍ଟ୍ରୁଆଲ କପ୍ ପାଇଁ ଅନେକ ଆସନ୍ତି। କିନ୍ତୁ ଏହା ଏଠାରେ ଉପଲବ୍ଧ ହେଉନାହିଁ। ପ୍ରାୟତଃ ଅନ୍‌ଲାଇନରେ ମିଳିପାରୁଛି। ଏହାର ବ୍ୟବହାର ଆଉ ଟିକେ ବଢ଼ିଲେ ଷ୍ଟୋରରେ ରଖାଯିବ। ସେହିପରି ଏହାକୁ ବ୍ୟବହାର କରୁଥିବା ଜଣେ ଛାତ୍ରୀ କହିଛନ୍ତି, ଋତୁସ୍ରାବ ସମୟରେ ସ୍ୱଚ୍ଛତା ନିହାତି ଆବଶ୍ୟକ। ସାନିଟାରି ନାପକିନ୍ ତୁଳନାରେ ମେନଷ୍ଟ୍ରୁଆଲ କପ୍ ଭଲ। ଏହାକୁ ପରିଷ୍କାର କରି ରଖିଲେ ବାରମ୍ବାର ବ୍ୟବହାର କରିହେବ। ୨୫୦ଟଙ୍କାରୁ ଏହା ଆରମ୍ଭ। ପ୍ୟାଡ୍ କିଣିଲେ ମାସକୁ ମାସ ପାଖାପାଖି ୧୦୦ଟଙ୍କା ଖର୍ଚ୍ଚ ଯାଉଛି। ଏହା ଥରେ କିଣିଲେ ଅନେକ ଦିନ ବ୍ୟବହାର କରିହେବ। ଏହାକୁ ଠିକ୍ ଭାବରେ ପିନ୍ଧିବାକୁ ହେବ। ଏହାର ଧାରଣ କ୍ଷମତା ମଧ୍ୟ ଅଧିକ। ଏଥିସହ କେଉଁଆଡ଼େ ବି ଆରାମରେ ନେଇ ଯାଇ ହେବ। ଏହା ବଜାରରେ ଉପଲବ୍ଧ ହେବା ଆବଶ୍ୟକ। ସେହିପରି ଏହାର ବ୍ୟବହାର ନେଇ ଡ. ସୁଜାତା ପ୍ରିୟଦର୍ଶିନୀ ମିଶ୍ର କହିଛନ୍ତି, ପ୍ୟାଡକୁ ପ୍ରାୟତଃ ସମସ୍ତେ ବ୍ୟବହାର କରନ୍ତି। କିନ୍ତୁ ଆଜିକାଲିର ଝିଅମାନେ ମେନଷ୍ଟ୍ରୁଆଲ କପକୁ ଅଧିକ ବ୍ୟବହାର କଲେଣି। ଏହାର କାରଣ ଏହା ବାରମ୍ବାର ବ୍ୟବହାର କରିହେବ। ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ମେଡିସିନ ଷ୍ଟୋରରେ ମହଜୁଦ ରହିବା ଦରକାର। କିନ୍ତୁ ଏହାକୁ ବ୍ୟବହାର କରିବା ସମୟରେ ଅନେକ ସାବଧାନ ହେବା ଆବଶ୍ୟକ। ନ ହେଲେ ଇନ୍‌ଫେକ୍ସନର ସମ୍ଭାବନା ରହିଛି।

### ପରିବେଶ ଅନୁକୂଳ ସହ ସ୍ୱଚ୍ଛତା, ଧାରଣ କ୍ଷମତା ଓ ପୁନଃ ବ୍ୟବହାରରେ ସହାୟକ




କଟକ ଦୋଳମୁଣ୍ଡାଇ ଚନ୍ଦନପଡ଼ିଆ ରଥ ଖଳାରେ ରଥ ନିର୍ମାଣ କରାଯାଉଛି।


ଓଡ଼ିଶା ପ୍ରଶାସନିକ ସେବା ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ '୫-ଟି' ସଚିବ ଭି.କେ. ପାଣ୍ଡିଆନଙ୍କୁ ଶନିବାର ସାକ୍ଷାତ କରିବା ଅବସରରେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ୱାଇ ଶ୍ରୀନିବାସ


@ ଅଜୟ


@ ରିଙ୍କୁ


@ ସୌରଭ


@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇଏମ୍‌ଡିବିର ଟପ୍୧୦ ଲିଷ୍ଟରେ 'ଦମନ'

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ଚର୍ଚ୍ଚା ଏବେ ବି ଥମିନି। ଶୁଭମୁକ୍ତି ହେବା ପରଠୁ ଆଜିପର୍ଯ୍ୟନ୍ତ ଏହାର ପ୍ରଶଂସା ସବୁଠି ଦେଖିବାକୁ ମିଳୁଛି। ଏବେ 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆଉଏକ ଖୁସି ଖବର ଆଣିଛି। ଇଣ୍ଟରନେଟ୍ ମୁଭି ଡାଟାବେସ୍ (ଆଇଏମ୍‌ଡିବି)ରେ ୧୦ ହଜାରରୁ ଅଧିକ ଲୋକ ଲାଇକ୍ କରିଥିବା ଚଳଚ୍ଚିତ୍ରର ଟପ୍୧୦ ଲିଷ୍ଟରେ ୯ମ ସ୍ଥାନରେ ରହିଛି ଚର୍ଚ୍ଚିତ ଓଡ଼ିଆ ସିନେମା 'ଦମନ'। ସେହିପରି ରେଟିଂରେ ମଧ୍ୟ ୧୦ରୁ ୯ ରହିଛି, ଯାହାକୁ ନେଇ ଶନିବାର ସୋସିଆଲ ମିଡିଆରେ ଅନେକ ପୋଷ୍ଟ ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ, 'ଦମନ' ଗତ ନଭେମ୍ବର ୪ରେ ପ୍ରେକ୍ଷାଳୟରେ ଶୁଭମୁକ୍ତି ହୋଇଥିଲା। ଏହାକୁ ଦୀପେନ୍ଦ୍ର ସାମଲ ପ୍ରଯୋଜନା ଦେଇଥିବାବେଳେ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ନିର୍ଦ୍ଦେଶନା ଦେଇଛନ୍ତି। ମୁଖ୍ୟ ଭୂମିକାରେ ଅଭିନେତା ବାବୁଶାନ ମହାନ୍ତି ଓ ଦ୍ୱିପନ୍ୱିତ ଦାସ ମହାପାତ୍ର ଅଛନ୍ତି।



## ସଂକ୍ଷେପରେ

### କୁସ୍ତିରେ ପୁରୀର ଚିନ୍ମୟ ଜିତିଲେ ସ୍ୱର୍ଣ୍ଣ ପଦକ

ପୁରୀ ଅଫିସ,୨୭।୫- ଜମ୍ମୁ କଶ୍ମୀରର ଶ୍ରୀନଗରଠାରେ ଜାତୀୟ ବାହୁ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ଚଳିତ ମାସ ୨୩ ଠାରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଦେଶର ୧୮ ଟି ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାରୁ ୧୬ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ପୁରୀ ଗୋପୀନାଥ ପଞ୍ଚାୟତ ତରଫରୁ ଚିନ୍ମୟ ରାଉତ ଓଡ଼ିଶା ପକ୍ଷରୁ ଜୁନିୟର ବିଭାଗରେ ୭୦ରୁ ୮୦ କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଚିନ୍ମୟ ତାଙ୍କ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ଚିନ୍ମୟଙ୍କ କୃତୀ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଂଶସାର ସୁଅ ଛୁଟିବାରେ ଲାଗିଛି।

### ଏକାଠି ବସି ଦହି ପଖାଳ ଖାଇଲେ ୫୦ ଆଇନଜୀବୀ

ବାଲିଅନ୍ତା,୨୭।୫(ଡି.ଏନ୍.ଏ.)- ଜୟଦେବ ଓକିଲ ସଂଘ ପକ୍ଷରୁ ଗ୍ରୀଷ୍ମକାଳୀନ ଅବକାଶ ଅବସରରେ ଶୁକ୍ରବାର ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ବାଲିଅନ୍ତାର ମା' ଉତ୍ତରମୁଖୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ବିଭୂତି ଭୂଷଣ ମର୍ଦ୍ଦରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଭୁବନେଶ୍ୱର ବରିଷ୍ଠ ଆଇନଜୀବୀ ଅଜିତ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଭୁବନେଶ୍ୱର ବାର୍ ଆସୋସିଏଶନ ନବ ନିର୍ବାଚିତ ସମ୍ପାଦକ ତାପସ ରଞ୍ଜନ ଦାସଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତ ଆଇନଜୀବୀ ଏକାଠି ବସି ଦହି ପଖାଳ ଖାଇଥିଲେ। ତା' ସହ ମାଛ ଭଜା, ବଡ଼ିଚୂରା, ଶାଗ, ଭଜା, ଆଳୁ ଚକଟା ଆଦି ୧୦ ପ୍ରକାରର ବ୍ୟଞ୍ଜନ ପରସା ଯାଇଥିଲା। ବୈଠକରେ ଆଇନଜୀବୀ ବିନୋଦ ସାହୁ, ଚିତ୍ତରଞ୍ଜନ ରାୟ, ଅଶୋକ ରାଉତରାୟ, ଉପେନ୍ଦ୍ରନାଥ ସାମନ୍ତରାୟ, ଦିଲୀପ ଓଝା, କୃଷ୍ଣକେଶବ ଆପଟ ପ୍ରମୁଖ ସମସ୍ତ ସମସ୍ୟାର ସମାଧାନ ପାଇଁ ମତ ରଖିଥିଲେ।

# ମୌସୁମୀ ପୂର୍ବରୁ ଡ୍ରେନ୍ କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)



ବିଏମ୍ସି ପକ୍ଷରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ମଞ୍ଚାସୀନ କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟ ଅଧିକାରୀ।

- ୭ ଦିନ ମଧ୍ୟରେ ପଙ୍କୋଦ୍ଧାର ଓ ଆନୁଷଙ୍ଗିକ କାର୍ଯ୍ୟର ସ୍ଥିତି ଜଣାଅ
- ପଙ୍କୋଦ୍ଧାର ପରେ ତୁରନ୍ତ ସ୍ଥାନାନ୍ତରକୁ ଗୁରୁତ୍ୱ
- ୨୨ଟି ପ୍ରକଳ୍ପ ପାଇଁ ୪ କୋଟି ୨୬ ଲକ୍ଷ ଟଙ୍କାର ବ୍ୟୟବରାଦ

ଆଗାମୀ ମୌସୁମୀକୁ ଦୃଷ୍ଟିରେ ରଖି ନିୟମିତ ଡ୍ରେନ ଓ ସଫେଇ ଗୁରୁତ୍ୱ ଦେଉଛି ବିଏମ୍ସି। ଏହି ପରିପ୍ରେକ୍ଷୀରେ ଶନିବାର ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୱାର୍ଡରେ ଚାଲୁ ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ କ୍ଷେତ୍ର ସମୀକ୍ଷା ରିପୋର୍ଟ ନିୟମିତ ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ୨୦୨୩-୨୪ରେ ଡ୍ରେନ୍ରୁ ପଙ୍କୋଦ୍ଧାର ଓ ଆନୁସଙ୍ଗିକ କାର୍ଯ୍ୟର ସମ୍ପୂର୍ଣ୍ଣ ସମୀକ୍ଷା କରାଯାଇଥିଲା। ଡ୍ରେନ ନଂ.୧, ୧-ଏ, ୧-ବି, ୧-ସି, ଡ୍ରେନ ନଂ.୨, ୩, ୪ ଓ ୪-ଏ, ଡ୍ରେନ ନଂ.୫, ୬, ୭ ଓ ୭-ଏ, ଡ୍ରେନ ନଂ.୮ ଓ ୮-ଏ, ଡ୍ରେନ ନଂ.୯, ୧୦ ଓ ୧୦-ଏ, ୱାର୍ଡ ନଂ.୪, ୫ ଓ ୫୦ରେ ଥିବା ୨ଟି ଡ୍ରେନ ଏବଂ ନୟନଜୋରି-ପୁରୀ ମୁଖ୍ୟ କେନାଲରେ କିଛିଅଂଶର ପଙ୍କୋଦ୍ଧାର, ମୁକୁଳା ରହିଥିବା ଡ୍ରେନ୍ରେ ସ୍ଲାବ ପକାଇବା ଆଦି କାମ ସମ୍ପର୍କରେ କମିଶନର ପଚାରି ବୁଝିଥିଲେ। ଏଥିସହ ୨୦୨୩-୨୪ ପାଇଁ ଡ୍ରେନ ସଫେଇ, ପଙ୍କୋଦ୍ଧାର, କଲ୍ଭର୍ଟ ଜାଲି ଓ ଡ୍ରେନ୍ କାନ୍ଥର ସଫେଇ କାମ ନେଇଥିବା ସଂସ୍ଥାକୁ ସ୍ୱଚ୍ଛତାର ସହ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡ୍ରେନ ସଫେଇ ହେବାପରେ ତୁରନ୍ତ ଟ୍ରାକ୍ଟର ଯୋଗେ ବର୍ଜ୍ୟ ଓ ପଙ୍କକୁ ଉଠାଇ ନେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ସମସ୍ତ ମୁଖ୍ୟ ଡ୍ରେନ୍ ସଫେଇରେ ଡ୍ରୋନ କ୍ୟାମେରା ଉପଯୋଗ କରାଯାଇ ଏହାର ସମୀକ୍ଷା କରାଯିବ। ଡ୍ରେନ ସଫେଇ ପାଇଁ ଠିକା ନେଇଥିବା ସଂସ୍ଥା ଆସନ୍ତା ୭ଦିନ ମଧ୍ୟରେ କାମ ସାରିବେ। ଏହାପରେ ଅକ୍ଟୋବର ପର୍ଯ୍ୟନ୍ତ ନିୟମିତ ଡ୍ରେନ ସଫେଇ, ଜାଲିରୁ ଅଳିଆ କାଢିବା, ଡ୍ରେନର ଉଭୟ ପାର୍ଶ୍ୱ ସଫା ରଖିବା କାର୍ଯ୍ୟ କରିବେ। ନଭେମ୍ବରରୁ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଏହି ସଂସ୍ଥାଗୁଡିକ ୪୦ଟି ସ୍ଥାନରେ ଲାଗିଥିବା ଜାଲି ବା ଟ୍ରାସ ର୍ୟାକ୍ରୁ ଅଳିଆ ବାହାର କରିବେ। ଡ୍ରେନ ସଫେଇ ସମୟରେ ନିୟୋଜିତ ଶ୍ରମିକ ପିପିଇ କିଟ୍ର ଉପଯୋଗ ନିଶ୍ଚିତ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ମୁଖ୍ୟ ଡ୍ରେନଗୁଡିକରେ ଯେତେ ସମ୍ଭବ ଯାନ୍ତ୍ରିକ ଉପାୟ ଅବଲମ୍ବନ କରି ସଫେଇ କରିବାକୁ କୁହାଯାଇଛି। ସଫେଇର ପୂର୍ବାବସ୍ଥା ଓ ସଫେଇ ପରବର୍ତ୍ତୀ ଅବସ୍ଥାର ଫଟୋଚିତ୍ର ଉତ୍ତୋଳନ କରିବା, ବିପଦ ସଂକୁଳ ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୧୦ଟି ମୁଖ୍ୟ ଡ୍ରେନର ସଫେଇ ସାଙ୍ଗକୁ ବିଏମ୍ସିର ସିଧାସଳଖ ତଦାରଖରେ ଥିବା ୱାର୍ଡ ନଂ.୪, ୫ ଏବଂ ୫୦ର ଡ୍ରେନ କାର୍ଯ୍ୟକୁ ମିଶାଇ ସମୁଦାୟ ୨୨ଟି ପ୍ରକଳ୍ପ ପାଇଁ ୪ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ଡ୍ରେନ୍ ଉପବିଭାଗ ମୁଖ୍ୟ ଗୌତମଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ କମିଶନର-୨ ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୁର ବିକାଶ, ସିଟି ଇଂଜିନିୟର ଅରୁଣ କୁମାର ନାୟକ, ସମସ୍ତ ଜୋନାଲ ଡେପୁଟି କମିଶନର, ଇଂଜିନିୟର, ଡ୍ରେନ୍ଡିସିଲ୍ଟିଂ ଏଜେନ୍ସି, ସଫେଇ ଏଜେନ୍ସିର କର୍ମଚାରୀ ଯୋଗଦେଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ.)

ଶୀତଳଷଷ୍ଠୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ମା' ପାର୍ବତୀଙ୍କ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ପରେ ଶନିବାର ଉଭୟ ଦେବଦମ୍ପତିଙ୍କ ଚତୁର୍ଥୀ ନୀତି ବିଧିମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ସନ୍ଧ୍ୟା ଧୂପ ପରେ ଶ୍ରୀଲିଙ୍ଗରାଜ ମା'ପାର୍ବତୀ ପାଲିଙ୍କିରେ ବ୍ରହ୍ମାଘାଟକୁ ଯାଇଥିଲେ। ସେଠାରେ ପାଣିକୁଆ ଆତସବାଜି କରାଯିବା ଅବସରରେ ଶ୍ରୀଜୀଉଙ୍କୁ ସ୍ନାନ ଓ ବେଶ କରାଯାଇଥିଲା। ନିକଟ ଅନନ୍ତ ବାସୁଦେବ ମନ୍ଦିର ଯାତ୍ରା କରିବା ପରେ ଉଭୟ ଠାକୁରଙ୍କ ମଧ୍ୟରେ ଭେଟ ଆଳତି ହୋଇଥିଲା। ସେଠାରୁ ଶ୍ରୀଜୀଉ ପାଲିଙ୍କିରେ ଯାତ୍ରା କରି ବଡ଼େଇବାଙ୍କ ନିକଟ ଭଉଣୀଘର ମା' କାମାକ୍ଷା ମଠରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ନୀତି କରାଯିବା ପରେ ଭଉଣୀଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଇଥିଲେ। ଏଠାରୁ ସ୍ୱମନ୍ଦିର ପହଞ୍ଚି ବେହରଣ ମଣ୍ଡପରେ ବିରାଜମାନ କରିଥିଲେ। କୁଳ ପୁରୋହିତ ମନୋରଞ୍ଜନ ଦାସ ଚତୁର୍ଥୀ ହୋମ ସମ୍ପାଦନ କରିଥିଲେ। ଶ୍ରୀଜୀଉମାନେ ଆଡ଼କାଠ ନିକଟ ଖଟ ଉପରେ ବିରାଜମାନ କରିବା ପରେ ପୂଜାପଣ୍ଡା ଓ ପତ୍ରୀ ସେବକ ଦେବଦମ୍ପତିଙ୍କ ମଧ୍ୟରେ କଉଡ଼ି ଖେଳାଇଥିଲେ। ଭେଟ ଆଳତି, ବଡ଼ସିଂହାର ପରେ ମନ୍ଦିର ପହଡ଼ ପଡ଼ିଥିଲା।



## ସଫଳତା ପାଇଁ କୃତଜ୍ଞତା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ମହାପ୍ରଭୁ ଲିଙ୍ଗରାଜଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ଯାତ୍ରା ବହୁ ଆଡମ୍ବରେ ପାଳିତ ହୋଇଛି। ଶ୍ରୀ ଲିଙ୍ଗରାଜ ମା' ପାର୍ବତୀ ଓ ଚନ୍ଦ୍ରଶେଖରଙ୍କ ଶୋଭାଯାତ୍ରାରେ ବାଜା ପାର୍ଟି ନାଗା ନାଚ, ପଶୁପକ୍ଷୀ ନାଚ, କଳସ ଯାତ୍ରା, ଆଦିବାସୀ ନୃତ୍ୟ, ଶଙ୍ଖ, ଘଣ୍ଟ ଘଣ୍ଟା ପ୍ରଭୃତି ୪୨ଟି ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ପ୍ରାୟ ୫୦ ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଇନ୍ଦ୍ରହାତୀ ଠିକ୍ ସମୟରେ ପହଞ୍ଚିଥିଲା। ସେବାୟତମାନେ ଏଥର ନୀତିକାନ୍ତି ଠିକ୍ ସମୟରେ ନିର୍ବାହ କରିଥିଲେ। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଧାୟକ ସୁରେଶ କୁମାର ରାଉତରାୟ। ଏଥିସହ ଏହି ଉତ୍ସବ ଅତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବାରୁ ସେ ପୋଲିସ କମିଶନର, ଡିସିପି, ଏସିପି ଏବଂ ଲିଙ୍ଗରାଜ ଥାନା ସମେତ ପ୍ରାୟ ୮ ଥାନା, କେଦାର ଗୌରୀ ସେବାୟତ, ମହାସୁଆର ନିଯୋଗ, ବଡୁ ନିଯୋଗ, ପୂଜା ପଣ୍ଡା ନିଯୋଗ, ବେହେରା ନିଯୋଗ, ସମର୍ଥା ନିଯୋଗ, ବାରିକ ନିଯୋଗ ଓ ସମସ୍ତ ନିଯୋଗଙ୍କୁ କୃତଜ୍ଞତା ଅର୍ପଣ କରିବା ସହ କର୍ପୋରେଟର ବିରଞ୍ଚି ମହାସୁପକାର, ଶିବ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ ଓ ରୁପେଶ ନାୟକ ପ୍ରମୁଖଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ଖୋର୍ଦ୍ଧା ଜିଲାପାଳ ଓ ଭୁବନେଶ୍ୱର ଏଡିଏମ୍ ଠିକ ଭାବରେ ତାଙ୍କର ଦାୟିତ୍ୱ ନିର୍ବାହ କରିଥିଲେ। ଶୀତଳଷଷ୍ଠୀ କାର୍ଯ୍ୟକ୍ରମର ସମ୍ପାଦକ ପୃଥ୍ୱିରାଜ ମହାପାତ୍ର ଓ ଗୁଆଝରର ସମ୍ପାଦକ ହେମା ମହାପାତ୍ରଙ୍କ ଭୂମିକା ପ୍ରଂଶସନୀୟ ଥିଲା ବୋଲି ବିଧାୟକ ରାଉତରାୟ କହିଛନ୍ତି।

## ଶିକ୍ଷା ବିକାଶ ସମିତି ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା



ୟୁନିଟ-୮ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଶିକ୍ଷା ବିକାଶ ସମିତି ପକ୍ଷରୁ ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ୟୁନିଟ-୮ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ମେଧବୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଜୀବନରେ ସଫଳତାର ଶୀର୍ଷ ଛୁଇଁବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏନ୍ସିଇଆର୍ଟିର ଉପ-ନିର୍ଦ୍ଦେଶିକା ଅପର୍ଣ୍ଣା ମିଶ୍ର, ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଉପାଧ୍ୟକ୍ଷ ରବୀନ୍ଦ୍ର କାହ୍ନାରେ, ଶିକ୍ଷା ବିକାଶ ସମିତିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ କମଳାକାନ୍ତ ଦାସ, ଦେବେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୯୬%ରୁ ଅଧିକ ନମ୍ବର ରଖିଥିବା ୨୬ ଜଣ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟାଉନ ବସ୍ରୁ ଚୋରି

ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ.)

ଟାଉନ୍ ବସ୍ରେ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସନ୍ଧ୍ୟାରେ ରଙ୍ଗମାଟିଆ-ଡୁମ୍ଡୁମା ରୁଟ୍ ନଂ.୨୫(ଓଡି ୩୩-ଭି-୮୧୦୧)ଟାଉନ୍ ବସ୍ରେ ଯାତ୍ରୀଙ୍କ ଦୁଇଟି ମୋବାଇଲ ଚୋରି ହୋଇଯିବା ପରେ ସେମାନେ କଣ୍ଡକ୍ଟରଙ୍କୁ ଜଣାଇଥିଲେ। କଣ୍ଡକ୍ଟର ବସ୍ଟିକୁ ବାପୁଜୀ ନଗର ଲେନ୍ ନଂ.୪ ଜନପଥରେ ଅଟକାଇଥିଲେ। ବସ୍ ଡୋର ବନ୍ଦ କରିବା ସହ କ୍ୟାପିଟାଲ ଥାନାକୁ ଖବର ଦେଇଥିଲେ। ପିସିଆର ଭ୍ୟାନ୍ ପହଞ୍ଚି ଆରମ୍ଭ କରିଥିଲା ଯାଞ୍ଚ। ମୋବାଇଲ ମିଳି ନ ଥିବା ବେଳେ ଯାତ୍ରୀମାନେ ହଟହଟା ହୋଇଥିଲେ।

## ୩ ରଥର ଚକ ଦିଗ ନିର୍ଣ୍ଣୟପୂର୍ବକ ଚକ-ଅଖ ଥାକ ହେଲା



**ପୁରୀ ଅଫିସ,୨୭।୫:** ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାମାନେ ଭୋଇ ସେବକଙ୍କ ସହାୟତାରେ ଚକ ଦିଗ ନିର୍ଣ୍ଣୟ ପୂର୍ବକ ତିନିରଥର ଚକ-ଅଖ ଥାକ କରାଯାଇଛି। ରଥ ଚକଗୁଡିକ ଯେପରି ଆଗକୁ ଗଡ଼ି ନଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଚକ ଦୁଇପାର୍ଶ୍ୱରେ ବନ୍ଧା ଦିଆଯାଇଛି। ଏହାପରେ ଅଖ ତଳ ଭାଗରେ ମେଣ୍ଟିଲାଗି ହୋଇ(କାଠ ଗର) ତିନି ରଥର ଦଣ୍ଡା ପଡିଥିଲା। ପାର୍ଶ୍ୱ ମୁହାଁଟ ସହ ଦଣ୍ଡା ଏବଂ କୁଡୁକା ସଂଯୋଗ ଦଣ୍ଡାକୁ ଦଣ୍ଡା ଦଉଡିରେ ଟାଣ ଦିଆଯାଇ ବନ୍ଧାଯାଇଛି। ତାଳଧ୍ୱଜ ରଥର ଗୋଟିଏ ପୋଲ ଗୟଳ ଚଉପଟ ଶେଷ ହୋଇଥିଲା, ଶନିବାର ଆଉ ଦୁଇଟି ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇ ଦୁଇଟି ଛନ୍ଦା ଗୟଳର ଚଉପଟ ପାଇଁ ହଣା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଅଣସର ଗୟଳ ୩ଟିରେ ଚଉପଟ କାର୍ଯ୍ୟ ଶେଷ ହୋଇଛି ଉକ୍ତ ଗୟଳ ୩ଟି ଏଦୁଇ ପାର୍ଶ୍ୱ ଗୋଳେଇ କାର୍ଯ୍ୟ ବାକି ରହିଛି। ଦର୍ପଦଳନ ରଥର ଦୁଇଟି ପୋଲ ଗୟଳର ଚଉପଟ ଶେଷ ହୋଇ ଆଜି ଆଉଦୁଇଟି ଗୟଳର ଚଉପଟ କାର୍ଯ୍ୟ ଶେଷ ପରେ ଦୁଇଟି ଚାନ୍ଦା ଗୟଳର ହଣା କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ଦୁଇଟି ବଡ଼ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଆଉ ଗୋଟିଏ ପୋଲ ଗୟଳର ଚଉପଟ କାର୍ଯ୍ୟ ମଧ୍ୟାହ୍ନ ସୁଦ୍ଧା ଶେଷ ହୋଇଥିଲା। ଅପରାହ୍ନରେ ଆଉ ଦୁଇଟି ଗୟଳର ହଣା କାର୍ଯ୍ୟ ପରେ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନି ରଥର ସିଂହାସନ ବା ସିଂହାସନ ରାୟରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ସିଂହାସନରେ ଚିତ୍ର ଖୋଦେଇ ଅଲଗା ଅଲଗା ହୋଇଥାଏ, ଯଥା ତାଳଧ୍ୱଜ ରଥର ସିଂହାସନର ମଝି ଭାଗରେ ଦୁଇପାର୍ଶ୍ୱରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ସହ ଡାଳି ଲତା, ଦୁଇପାର୍ଶ୍ୱରେ ଚାରି ଚାରୋଟି ହଂସ ଶେଷ ଭାଗ ଦୁଇପାଟ ପଦ୍ମ ପାଖୁଡାର ଚିତ୍ର ଖୋଦେଇ କାର୍ଯ୍ୟ ଜାରି ରହିଛି। ସେହିପରି ଦେବୀ ରଥ ସିଂହାସନର ମଧ୍ୟ ଭାଗରେ ଦୁଇପାର୍ଶ୍ୱରେ ମତ୍ସ୍ୟ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି ଶେଷ ଭାଗ ଦୁଇପାର୍ଶ୍ୱ ମୟୂର ସହ ପୁଚ୍ଛ ରହିଥାଏ। ସେହିପରି ନନ୍ଦିଘୋଷ ରଥର ସିଂହାସନରେ ମାଛସହ ପୂର୍ଣ୍ଣ କୁମ୍ଭ, ଦୁଇ ପାର୍ଶ୍ୱରେ ପଦ୍ମ ଡାଳି ସହ ହାତୀ ଏବଂ ପଦ୍ମ ପାଖୁଡ଼ା ଖୋଦେଇ କାର୍ଯ୍ୟ ରୂପକାର ସେବକମାନେ ଜାରି ରଖିଛନ୍ତି। କରତି ସେବକ ରଞ୍ଜିତ ମହାରଣାଙ୍କ ନେତୃତ୍ୱର କରତି ସେବକମାନେ ତିନିରଥକୁ ଦଣ୍ଡା ଥିବା ପାଇଁ ଚକ ଦୁଇପାର୍ଶ୍ୱରେ ବାନ୍ଧ ଦେବାକୁ ଏବଂ ଅଖ ତଥା ଦଣ୍ଡାରେ ମେଣ୍ଟି ଦିଆଯିବା ପାଇଁ କାଠ ଗଡ଼ କରି ଯୋଗାଇଛନ୍ତି।

# ବାଓରିଆ ଗ୍ୟାଙ୍ଗର ରହସ୍ୟ ଖୋଲିବ କମିଶନରେଟ ପୋଲିସ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

**୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଖୁବ୍ଶୀଘ୍ର ଆବେଦନ**

ଓଡିଶା ସମେତ ବହୁ ରାଜ୍ୟରେ ଲୁଟ୍ପାଟ୍ କରିଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶର ବାଓରିଆ ଗ୍ୟାଙ୍ଗ ସମ୍ପର୍କରେ ତଦନ୍ତ ଚଳାଇଛି କମିଶନରେଟ ପୋଲିସ। ଏହି ଗ୍ୟାଙ୍ଗ୍ର ନେଟ୍ୱର୍କ କେଉଁଆଡେ ଲମ୍ବିଛି, ଏଥିରେ କେତେଜଣ ସଦସ୍ୟ ରହିଛନ୍ତି ଓ ଏଯାଏ କେତେସବୁ ଅପରାଧ ଘଟାଇଛନ୍ତି, ଏଭଳି ଅନେକ ତଥ୍ୟ ହାସଲ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ନିକଟରେ ଗିରଫ ହୋଇ ଜେଲ୍ରେ ଥିବା ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା କରିବାକୁ ଯୋଜନା ଚାଲିଛି। ମିଳିଥିବା ସୂଚନାନୁସାରେ, ଗ୍ୟାଙ୍ଗ୍ର ରହସ୍ୟ ଉନ୍ମୋଚନ ପାଇଁ କମିଶନରେଟ ପୋଲିସ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ସୋମବାର କୋର୍ଟରେ ଆବେଦନ କରିବ। ଏହାସହ ରାଜ୍ୟ ବାହାରକୁ ଯିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ୟୁପି ଓ ଦିଲ୍ଲୀରେ ଯାଞ୍ଚ କରିବ ସ୍ପେଶାଲ ଟିମ୍। ଅପରପକ୍ଷେ କମିଶନରେଟ ପୋଲିସ ଝାରପଡା ଜେଲକୁ ଯାଇ ଅଭିଯୁକ୍ତଙ୍କର ଟିଆଇ ପରେଡ କରିଥିଲା। ଟିଆଇ ପରେଡରେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନଟ କରିଛନ୍ତି ଲୁଟ୍ର ଶିକାର ହୋଇଥିବା ମହିଳା।

ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍ପାଟ କରି ଆତଙ୍କ ଖେଳାଉଥିବା ବାଓରିୟା ଗ୍ୟାଙ୍ଗକୁ ଧରିବାକୁ କମିଶନରେଟ ପୋଲିସ ଜାଲ ବିଛାଇଥିବାବେଳେ ପୁରୀରୁ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ଉତ୍ତରପ୍ରଦେଶ ସାମ୍ଲି ଜିଲା ଝିଂଝାଣା ଥାନା ଅଞ୍ଚଳର ପ୍ରଦୀପ କୁମାର, ବିକାଶ, ରବି କୁମାର ଓ ବାବୁ ରାମ୍। ସେମାନଙ୍କଠାରୁ ୧୬ଟି ସୁନାଚେନ୍, ୨ଟି ବାଇକ, ୨ଟି ମୋବାଇଲ, ଅନ୍ୟାନ୍ୟ କାଗଜପତ୍ର ଜବତ କରିଥିଲା ପୋଲିସ।

## ଷ୍ଟେଟ୍ ପ୍ରୋଗ୍ରେସିଭ ୱିମେନ୍ସ ଫୋରମର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)




ଷ୍ଟେଟ୍ ପ୍ରୋଗ୍ରେସିଭ ୱିମେନ୍ସ ଫୋରମର ସାଧାରଣ ସଭା ଓ କାର୍ଯ୍ୟକାରିଣୀ ବୈଠକ ଶନିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଯାଇଛି। ଫୋରମ୍ର ଜିଲା ସଦସ୍ୟା, ଜିଲା ସ୍ୱୟଂସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକାମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲା ସ୍ୱୟଂସହାୟକ ଗୋଷ୍ଠୀ ମିଶନଶକ୍ତିର ସଦସ୍ୟାଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ପରି ବ୍ୟବହାର କରୁଛନ୍ତି। କ୍ୱଚିତ୍ ଜିଲାର ମା'ଭଉଣୀମାନେ ଉପକୃତ ହୋଇଥିବାବେଳେ ଅଧିକାଂଶ ମିଶନଶକ୍ତି ସଦସ୍ୟା ଉତ୍କଟ ଆର୍ଥିକ ଅନାଟନରେ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ଜିଲା ସଭାପତି ଓ ସମ୍ପାଦିକା ୨ବର୍ଷରେ ପରିବର୍ତ୍ତନ ହେଉଛନ୍ତି। ମାତ୍ର ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଦୀର୍ଘକାଳ ଗୋଟିଏ ପଦବୀରେ ରହିଛନ୍ତି। ଏହା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବିଭିନ୍ନ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଫୋରମ ଅଧ୍ୟକ୍ଷା ମମତା ସାମନ୍ତରାୟ ସୂଚନା ଦେଇଛନ୍ତି। ଏହାବାଦ୍ ରାଜ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ପ୍ରତି ଥିବା ସରକାରୀ ଦାୟିତ୍ୱର ବାସ୍ତବତା ଓ ସଦସ୍ୟାଙ୍କ ଆତ୍ମନିର୍ଭରଶୀଳତା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ମହିଳାଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଦିଗରେ ଆଗାମୀ ଦିନରେ କିଭଳି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ସେ ବିଷୟରେ ମତ ବିନିମୟ ହୋଇଥିଲା। ଡ. ମିନତୀ ରାଉତରାୟ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରଗଡ଼ ଜିଲା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ପଦ୍ମିନୀ ଦେବୀ, ବାଲେଶ୍ୱରର ଆଇନଜୀବୀ ଜ୍ୟୋତ୍ସ୍ନା, ବୌଦ୍ଧ ଜିଲା ସଦସ୍ୟା ଶୈଳ ଦାସ, ସାବିତ୍ରୀ ରାଉତ, ବାରିପଦାର ସବିତା ସରକାର, ଖୋର୍ଦ୍ଧା ଜିଲା ମିଶନଶକ୍ତି ସଦସ୍ୟା ସୌଦାମିନୀ ପ୍ରମୁଖ ଯୋଗଦେଇଥିଲେ।

# ଖାଇବା ତେଲ ବ୍ୟବସାୟ ନାଁରେ ୬୩.୯୪ ଲକ୍ଷ ଠକେଇ

କଟକ ଅଫିସ,୨୭।୫

**କମ୍ପାନୀ ନିର୍ଦ୍ଦେଶକ ଗିରଫ**



ସତ୍ୟପ୍ରକାଶ ସିଂହ

ଦିନକୁ ଦିନ ନୂଆ ନୂଆ ତରିକାରେ ଠକେଇ ହେଉଛି। ଯାହାର ଶିକାର ହେଉଛନ୍ତି ବଡ଼ ବଡ଼ ବ୍ୟବସାୟୀ। ଖାଇବା ତେଲ ବ୍ୟବସାୟ ନାଁରେ ୬୩.୯୪ ଲକ୍ଷ ଟଙ୍କାର ଠକେଇ ହୋଇଛି। ବିହାର-ଓଡ଼ିଶା ଆନ୍ତଃରାଜ୍ୟ ଠକ ଏଭଳି କାରବାରରେ କାର୍ପଟ୍ଦାର ସାଜିଛନ୍ତି। ଏଭଳି ଏକ ଠକେଇ ଘଟଣାରେ ବିଡ଼ାନାସୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋଲ୍କାତାରୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ବିଡ଼ାନାସୀ ଥାନା ଅନ୍ତର୍ଗତ ଶତାବ୍ଦୀ ବିହାର ଅଞ୍ଚଳର ବିଶ୍ୱରଞ୍ଜନ ସେଠୀଙ୍କର ଖାଇବା ତେଲ କମ୍ପାନୀ ରହିଛି। ସୁବାସ ଚନ୍ଦ୍ର ଦାଶ ଓ ଶିତିକଣ୍ଠ ମହାନ୍ତି ନାମକ ୨ ଜଣ ବ୍ୟକ୍ତି ୨୦୨୨ ଜାନୁୟାରୀରେ ବିଶ୍ୱରଞ୍ଜନଙ୍କ ନିକଟକୁ ଆସି ଏକ କମ୍ପାନୀର ଓଡ଼ିଶା ରିଜିଅନ୍ ମାର୍କେଟିଂ ମ୍ୟାନେଜର ଭାବେ ନିଜର ପରିଚୟ ଦେଇଥିଲେ। ସେମାନଙ୍କ କମ୍ପାନୀ ନିକଟରୁ ପାମ୍ ତେଲ କିଣିବା ପାଇଁ ସେମାନେ ବିଶ୍ୱରଞ୍ଜନଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ସତ୍ୟପ୍ରକାଶ ସିଂହ ଓ ପରିଚାଳନା ନିର୍ଦ୍ଦେଶିକା ସୀମା ସିଂହ ତାଙ୍କ ଘରକୁ ଆସି କମ୍ପାନୀରୁ ତେଲ କିଣି ବ୍ୟବସାୟ କରିବାକୁ କହିଥିଲେ। ବିଶ୍ୱରଞ୍ଜନ ଏଥିରେ ସହମତି ପ୍ରକାଶ କରିବା ପରେ ତାଙ୍କ କମ୍ପାନୀର ବିହାରରେ ଥିବା ଉକ୍ତ କମ୍ପାନୀ ସହ ୨୦୨୨ ମାର୍ଚ୍ଚ ୨୩ରେ ଏକ ଚୁକ୍ତିନାମା ହୋଇଥିଲା। ପରେ ବିଶ୍ୱରଞ୍ଜନ ଅପରପକ୍ଷ ଆକାଉଣ୍ଟରେ ୯୬ ଲକ୍ଷ ଟଙ୍କା ଜମା କରିଥିଲେ। ମାତ୍ର ଉକ୍ତ କମ୍ପାନୀ ୫୦ ଲକ୍ଷ ଟଙ୍କାର ପାମ୍ ତେଲ ଯୋଗାଇଥିଲା, ଯାହାକି ବଜାର ଦରଠାରୁ ବହୁ ଉଚ୍ଚା ଦରରେ। ହେଲେ ସୁବାସ ଲିଖିତ ଭାବେ ଏହି କ୍ଷତି ଅବଶିଷ୍ଟ ୪୬ ଲକ୍ଷ ଟଙ୍କାର ତେଲ ଦେବାବେଳେ ଭରଣା କରିଦେବେ ବୋଲି କହିଥିଲେ। ଦୀର୍ଘଦିନ ପରେ ସୁବାସ ୯୧୮ ଟିଣ ପାମ୍ ତେଲ ଧରି ପହଞ୍ଚିଥିଲେ, ଯାହାର ମୂଲ୍ୟ ୧୭ ଲକ୍ଷ ୪୪ ହଜାର ୨୦୦ ଟଙ୍କା ହେବ। ସେହି ତେଲକୁ ବଜାରରେ ବିକ୍ରି କରିବା ପାଇଁ ସେ ପୁଣି ବିଶ୍ୱରଞ୍ଜନଙ୍କଠାରୁ ନେଇଗଲେ। ଏଥିସହ ୫୦ ହଜାର ଟଙ୍କା ମଧ୍ୟ ନଗଦ ଆକାରରେ ନେଇଗଲେ। ହେଲେ କୌଣସି ପଇସା ଦେଲେନାହିଁ। ୨୦୨୨ ଅକ୍ଟୋବର ୧୧ରେ ବିଶ୍ୱରଞ୍ଜନ ରାଞ୍ଚି ଅଫିସକୁ ଯାଇ ସତ୍ୟପ୍ରକାଶଙ୍କୁ କହିବା ପରେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ସେ ବିଶ୍ୱରଞ୍ଜନଙ୍କଠାରୁ ମୋଟ ୬୩ ଲକ୍ଷ ୯୪ ହଜାର ଟଙ୍କା ଠକି ନେଇଥିଲେ। ଏ ନେଇ ବିଶ୍ୱରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୩/୨୩) ରୁଜୁକରିଥିଲା। ପରେ କୋଲ୍କାତାରୁ ସତ୍ୟପ୍ରକାଶଙ୍କୁ ଗିରଫ କରି ସେଠାକାର କୋର୍ଟରେ ହାଜର କରାଇଥିଲା। ସେଠାରୁ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ଶନିବାର କଟକସ୍ଥିତ ଅଦାଲତରେ ହାଜର କରାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଭାଜପା କାର୍ଯ୍ୟକାରିଣୀ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୫(ଡି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରର ୯ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ମହାସମ୍ପର୍କ ଅଭିଯାନ ଆରମ୍ଭ କରାଯିବ। ଏନେଇ ଶନିବାର ଟାଙ୍ଗୀ ବ୍ଲକ ଅଧୀନ ପାରିଓରଡ଼ ପଞ୍ଚାୟତରେ କୁହୁଡି ମଣ୍ଡଳ ଭାଜପାର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା ଯେପରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରବକ୍ତା ସୋନାଲି ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାଇତରାୟ, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ପରିଡା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ଶ୍ରୀନିବାସ ବିଶ୍ୱାଳ, ପ୍ରଶାନ୍ତ ବେହେରା, ନବ କିଶୋର ସାହୁ, ନଳିନୀ ରଞ୍ଜନ ବେହେରା, ବବ୍ରୁବାହନ ପଲେଇ, ଦେବୀପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀ ରାମେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି

ଜଟଣୀ,୨୭।୫(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ୱାର୍ଡ ନଂ.୧୫ ହାଟବଜାର ନିବାସୀ ସାମାଜିକ କର୍ମୀ ରାମେଶ୍ୱର ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଏଥିରେ ବିଜେଡି ନେତା ଡ. ସନ୍ତୋଷ ଜେନା, ପୂର୍ବତନ ନଗରପାଳ ଡା. ଗୌରୀପ୍ରସାଦ ସିଂଙ୍କ ସମେତ ଜଟଣୀ ଅଞ୍ଚଳର ବିଭିନ୍ନବର୍ଗର ବହୁ ବ୍ୟକ୍ତି ଯୋଗଦେଇଥିଲେ। ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଦାସ ଦୀର୍ଘବର୍ଷ ହାଟବଜାର ବ୍ୟବସାୟୀ ସଂଘ ଏବଂ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ସାମିଲ ହୋଇ ସେବା ଯୋଗାଇ ଆସୁଥିଲେ। ସେ ଜଣେ ମେଳାପି, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ସମସ୍ତଙ୍କ ନିକଟରେ ସେ ରାମେଶ୍ୱର ଚାଚା ଭାବେ ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା।

### ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର (ବ୍ୟୁରୋ),୨୭।୫(ଡିଏନ୍.ଏ.) - ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ଗାମୁଛା ଦ୍ୱାରା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ପଳାସପୁର ଶାସନ ଅଞ୍ଚଳର ଅକ୍ଷୟ ଦାସ। ପୋଲିସ ସୂଚନାନୁସାରେ, ମୃତ ଅକ୍ଷୟ ପ୍ରାୟ ସମୟରେ ନିଶା ସେବନ କରନ୍ତି। ତେଣୁ ଏଭଳି ଖରାପ ଅଭ୍ୟାସ ପାଇଁ ବିବାହର କିଛି ମାସ ପରେ ସ୍ତ୍ରୀ ତାଙ୍କୁ ଛାଡି ପଳାଇଥିଲେ। ତେଣୁ ଅକ୍ଷୟ ଗତ ୨ ବର୍ଷ ଧରି ମାଆବାପାଙ୍କ ସହ ଘରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟାରେ ଅକ୍ଷୟ ଘରକୁ ଫେରି ଶୋଇବା ପାଇଁ ନିଜ ରୁମ୍‌କୁ ଚାଲିଯାଇଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ପରିବାର ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ରଥଯାତ୍ରାରେ ଟ୍ରାଫିକ, ଗାଡ଼ି ନିୟନ୍ତ୍ରଣକୁ ଗୁରୁତ୍ୱ

## ଆଞ୍ଚଳିକ ପରିବହନ ବିଭାଗର ସମନ୍ୱୟ ବୈଠକ


ଆଞ୍ଚଳିକ ପରିବହନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଅଧିକାରୀ ଓ ଅନ୍ୟମାନେ ।

**ପୁରୀ ଅଫିସ,୨୭।୫**

ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ ପକ୍ଷରୁ ଏକ ସମନ୍ୱୟ ବୈଠକ ଆଞ୍ଚଳିକ ପରିବହନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରଥ ଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ସୁଚାରୁ ରୂପେ ପାଳନ କରାଯିବ ସେନେଇ ଆଲୋଚନା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଉପସ୍ଥିତ ଥିବା ଉପ ଆରକ୍ଷୀ ଅଧୀକ୍ଷକ, ଟ୍ରାଫିକ ଆରକ୍ଷୀ ଅଧିକାରୀ, ଟ୍ରାଫିକ ନିରୀକ୍ଷକ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ, ଟ୍ରାଫିକ ଥାନା ଅଧିକାରୀ, କୁମ୍ଭାରପଡ଼ା ଥାନା ଅଧିକାରୀ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଏମଭିଆଇ ବାମଦେବ ସାହୁ, ସହକାରୀ ଏମ୍‌ଭିଆଇ ଏବଂ ବିଭିନ୍ନ ବସ ସଂଘ କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରାଫିକ ସମସ୍ୟା ସମେତ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପଟ୍ଟନାୟକ ମତ ରଖି ଥିଲେ। ପାର୍କିଂ ନେଇ ଗାଡିଗୁଡ଼ିକରେ ମୂଲ୍ୟ ନିର୍ଦ୍ଧାରଣ ସୂଚୀ ଲଗାଇବା, ଭଡା ବାବଦରେ ଉଚିତ ମୂଲ୍ୟ ରଖିବା ବିଷୟ ମୁଖ୍ୟ ଆଲୋଚନା ରହିଥିଲା। ଏଥିପାଇଁ ସଂଘର କର୍ମକର୍ତ୍ତାମାନେ ପରିବହନ ଅଧିକାରୀଙ୍କୁ ୩ଦିନ ସମୟ ମାଗିଛନ୍ତି। ନଚେତ ଉପରିସ୍ଥ ଅଧିକାରୀଙ୍କ କଥା ବା ନିର୍ଦ୍ଦେଶକୁ ଯଦି ଖିଲାପ କରାଯାଏ ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ ସମ୍ମିଳନୀରେ କହିଛନ୍ତି। କିଭଳି ଭାବରେ ବସ୍‌ଷ୍ଟାଣ୍ଡକୁ ଗାଡି ଠିକ୍ ସମୟରେ ଏବଂ ଠିକ୍ ସମୟରେ ଗାଡି ଛାଡିବା ଏବଂ ଯାତ୍ରା ସମୟରେ କୌଣସି ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପ୍ରତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଦୁର୍ଘଟଣା ହ୍ରାସ ପାଇଁ ସମେତ ଭକ୍ତ ଶ୍ରଦ୍ଧାଳୁ ଯେମିତି ଠକାମିର ଶିକାର ନ ହେବେ ସେଥିପ୍ରତି ବିଭାଗ ତୀକ୍ଷ୍ଣ ନଜର ଦେବାକୁ ଏନଫୋର୍ସମେଣ୍ଟ ଷ୍ଟାଫକୁ ନିର୍ଦ୍ଦେଶ ଦିଆଯାଇଥିବା ସହ ଯାତ୍ରା ସମୟରେ ଗାଡି ଚେକିଂକୁ ଆହୁରି କଡା କରାଯିବ ବୋଲି ଆର୍‌ଟିଓ ପଟ୍ଟନାୟକ ବୈଠକରେ ସୂଚନା ଦେଇଛନ୍ତି ।

# ୩ ରଥର ଚକ ଦିଗ ନିର୍ଣ୍ଣୟପୂର୍ବକ ଚକ-ଅଖ ଥାକ ହେଲା

**ରଥଖଳାରୁ ...**

**ପୁରୀ ଅଫିସ,୨୭।୫:** ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାମାନେ ଭୋଇ ସେବକଙ୍କ ସହାୟତାରେ ଚକ ଦିଗ ନିର୍ଣ୍ଣୟ ପୂର୍ବକ ତିନିରଥର ଚକ-ଅଖ ଥାକ କରାଯାଇଛି। ରଥ ଚକଗୁଡିକ ଯେପରି ଆଗକୁ ଗଡ଼ି ନଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଚକ ଦୁଇପାର୍ଶ୍ୱରେ ବନ୍ଧା ଦିଆଯାଇଛି। ଏହାପରେ ଅଖ ତଳ ଭାଗରେ ମେଣ୍ଟି ଲାଗି ହୋଇ(କାଠ ଗର) ତିନି ରଥର ଦଣ୍ଡା ପଡିଥିଲା। ପାର୍ଶ୍ୱ ମୁହାଁଟ ସହ ଦଣ୍ଡା ଏବଂ କୁଡୁକା ସଂଯୋଗ ଦଣ୍ଡାକୁ ଦଣ୍ଡା ଦଉଡିରେ ଟାଣ ଦିଆଯାଇ ବନ୍ଧାଯାଇଛି। ତାଳଧ୍ୱଜ ରଥର ଗୋଟିଏ ପୋଲ ଗୟଳ ଚଉପଟ ଶେଷ ହୋଇଥିଲା, ଶନିବାର ଆଉ ଦୁଇଟି ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇ ଦୁଇଟି ଛନ୍ଦା ଗୟଳର ଚଉପଟ ପାଇଁ ହଣା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଅଣସର ଗୟଳ ୩ଟିର ଚଉପଟ କାର୍ଯ୍ୟ ଶେଷ ହୋଇଛି ଉକ୍ତ ଗୟଳ ୩ଟି ଏଦୁଇ ପାର୍ଶ୍ୱ ଗୋଳେଇ କାର୍ଯ୍ୟ ବାକି ରହିଛି। ଦର୍ପଦଳନ ରଥର ଦୁଇଟି ପୋଲ ଗୟଳର ଚଉପଟ ଶେଷ ହୋଇ ଆଜି ଆଉଦୁଇଟି ଗୟଳର ଚଉପଟ କାର୍ଯ୍ୟ ଶେଷ ପରେ ଦୁଇଟି ଚାନ୍ଦା ଗୟଳର ହଣା କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ଦୁଇଟି ବଡ଼ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଆଉ ଗୋଟିଏ ପୋଲ ଗୟଳର ଚଉପଟ କାର୍ଯ୍ୟ ମଧ୍ୟାହ୍ନ ସୁଦ୍ଧା ଶେଷ ହୋଇଥିଲା। ଅପରାହ୍ନରେ ଆଉ ଦୁଇଟି ଗୟଳର ହଣା କାର୍ଯ୍ୟ ପରେ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନି ରଥର ସିଂହାସନ ବା ସିଂହାସନ ରାୟରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ସିଂହାସନରେ ଚିତ୍ର ଖୋଦେଇ ଅଲଗା ଅଲଗା ହୋଇଥାଏ, ଯଥା ତାଳଧ୍ୱଜ ରଥର ସିଂହାସନର ମଝି ଭାଗରେ ଦୁଇପାର୍ଶ୍ୱରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ସହ ଡାଳି ଲତା, ଦୁଇପାର୍ଶ୍ୱରେ ଚାରି ଚାରୋଟି ହଂସ ଶେଷ ଭାଗ ଦୁଇପାଟ ପଦ୍ମ ପାଖୁଡାର ଚିତ୍ର ଖୋଦେଇ କାର୍ଯ୍ୟ ଜାରି ରହିଛି। ସେହିପରି ଦେବୀ ରଥ ସିଂହାସନର ମଧ୍ୟ ଭାଗରେ ଦୁଇପାର୍ଶ୍ୱରେ ମତ୍ସ୍ୟ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି ଶେଷ ଭାଗ ଦୁଇପାର୍ଶ୍ୱ ମୟୂର ସହ ପୃଚ୍ଛ ରହିଥାଏ। ସେହିପରି ନନ୍ଦିଘୋଷ ରଥର ସିଂହାସନର ମାଛସହ ପୂର୍ଣ୍ଣ କୁମ୍ଭ, ଦୁଇ ପାର୍ଶ୍ୱରେ ପଦ୍ମ ଡାଳି ସହ ହାତୀ ଏବଂ ପଦ୍ମ ପାଖୁଡ଼ା ଖୋଦେଇ କାର୍ଯ୍ୟ ରୂପକାର ସେବକମାନେ ଜାରି ରଖିଛନ୍ତି। କରତି ସେବକ ରଞ୍ଜିତ ମହାରଣାଙ୍କ ନେତୃତ୍ୱର କରତି ସେବକମାନେ ତିନିରଥକୁ ଦଣ୍ଡା ଥିବା ପାଇଁ ଚକ ଦୁଇପାର୍ଶ୍ୱରେ ବାନ୍ଧ ଦେବାକୁ ଏବଂ ଅଖ ତଥା ଦଣ୍ଡାରେ ମେଣ୍ଟି ଦିଆଯିବା ପାଇଁ କାଠ ଗଡ଼ କରି ଯୋଗାଇଛନ୍ତି। ଦୋଳବେଦିଠାରେ ବସନ୍ତ ମହାରଣାଙ୍କ ନେତୃତ୍ୱରେ ଦୁଇ ପାହୀ ମହାରଣା ସ୍ନାନଯାତ୍ରା ଏବଂ ରଥଯାତ୍ରାରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଆବଶ୍ୟକ କୁରୁମ ପିଢ଼ା ସହ ବେଶ ଘୋଡ଼ିଆ ଏବଂ ଚାଙ୍ଗଡ଼ା ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦି କମାର ଶାଳରେ ଓଝା ସେବକମାନେ ତିନିରଥର ଯୋଖା କଣ୍ଟା, ଗୟଳ କଣ୍ଟା ଏବଂ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ


୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ଅନ୍ୟ ଅଧିକାରୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ପୁରୀ ଅଫିସ,୨୭।୫**

୫-ଟି ସଚିବ ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସନ୍ଧ୍ୟା ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିସରକୁ ଯାଇ ରତ୍ନସିଂହାସନ ରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଖୁବ୍ କମ୍ ଦିନ ଥିବାରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଶେଷ ହେବ ସେନେଇ ମଧ୍ୟ ଅନୁଧ୍ୟାନ କରିଥିଲେ। ପଶ୍ଚିମ ଓ ଉତ୍ତର ଦ୍ୱାରରେ ଜାରି ରହିଥିବା ପରିକ୍ରମା ପ୍ରକଳ୍ପର ଆଉଟର ରୋଡ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହିତ ଉତ୍ତରରେ ଚାଲିଥିବା ବିଭିନ୍ନ ଜୋନର ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ଆସନ୍ତା ୪ ତାରିଖରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଦର୍ଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ସ୍ନାନଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ଚଳିତ ମାସ ୩୦ତାରିଖରେ କାର୍ଯ୍ୟ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୫-ଟି ସଚିବ ଚାଲିଥିବା ନିର୍ମାଣ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ଛାତ୍ରୀଙ୍କୁ ଗୋଡ଼ାଇ କାମୁଡିଲେ ବୁଲା କୁକୁର

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ରାଜଧାନୀରେ ପୁଣି ବୁଲା କୁକୁରଙ୍କ ଆତଙ୍କ ସାମ୍ନାକୁ ଆସିଛି। ଟ୍ୟୁଶନ ଯିବାବେଳେ ଜଣେ ୧୨ବର୍ଷୀୟା ଛାତ୍ରୀଙ୍କୁ ଗୋଡାଇ ଗୋଡ଼ାଇ କାମୁଡିଛନ୍ତି। ସ୍ଥାନୀୟ ବଡ଼ଗଡ଼ ଥାନା ଅନ୍ତର୍ଗତ ପତିତପାବନ ନଗରରେ ଏହି ଘଟଣା ଘଟିଛି। ଫଳରେ ଛାତ୍ରୀଙ୍କ ଓଠରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଷ୍ଟିଚ୍ ପକାଯିବା ସହ ଆବଶ୍ୟକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ ଛାତ୍ରୀ ଜଣକ ଟ୍ୟୁଶନ ଯାଉଥିଲେ। ପତିତପାବନ ନଗର ରାସ୍ତାରେ କିଛି ବୁଲା କୁକୁର ଗୋଡାଇବାରୁ ସେ ଦୌଡିଥିଲେ। କିଛି ବାଟ ଦୌଡ଼ିବା ପରେ ସେ ତଳେ ପଡିଯାଇଥିଲେ। ଏହି ସମୟରେ ଗୋଟିଏ କୁକୁର ଛାତ୍ରୀଙ୍କୁ ଝୁଣି ପକାଇଥିଲେ। ତାଙ୍କ ଓଠକୁ କାମୁଡି ଛିଣ୍ଡାଇ ଦେଇଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାକୁ କୁକୁରଟି ପଳାଇଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ କୁକୁରଙ୍କ ଏଭଳି ଉତ୍ପାତ ପରେ ସ୍ଥାନୀୟ ଅଞ୍ଚଳରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ଭୟଭୀତ ହୋଇପଡିଛନ୍ତି। ଏହାପୂର୍ବରୁ ନିଳାଦ୍ରୀବିହାରରେ ଏକ କୁକୁର ଜଣେ ଶିଶୁପୁତ୍ରଙ୍କୁ କାମୁଡି ଗୁରୁତର କରିଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା, ପ୍ରାଣୀ ପ୍ରେମୀ ଓ କୁକୁର ମାଲିକ ମୁହାଁମୁହିଁ ହୋଇଥିଲେ। ବିବାଦ ଉପୁଜିବାରୁ ବିଏମ୍‌ସି ପକ୍ଷରୁ ସହରକୁ ବୁଲାକୁକୁର ମୁକ୍ତ କରିବାକୁ ଖୋଦ୍ ମେୟର ଘୋଷଣା କରିଥିଲେ। ହେଲେ ଏବେ ବି ରାଜଧାନୀ ରାସ୍ତାରେ ଯେଉଁଠି ଦେଖିବ ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦିରେ କୁକୁର ପଲଙ୍କ ଉତ୍ପାତ ଲାଗି ରହିଛି।

# ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ସମ୍ପନ୍ନ

**ପୁରୁଣା ଭୁବନେଶ୍ୱର, ୨୭।୫ (ଡି.ଏନ୍.ଏ.)**

ଶୀତଳଷଷ୍ଠୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ମା'ପାର୍ବତୀଙ୍କ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ପରେ ଶନିବାର ଉଭୟ ଦେବଦମ୍ପତିଙ୍କ ଚତୁର୍ଥୀ ନୀତି ବିଧିମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ସନ୍ଧ୍ୟା ଧୂପ ପରେ ଶ୍ରୀଲିଙ୍ଗରାଜ ମା'ପାର୍ବତୀ ପାଲିଙ୍କିରେ ବ୍ରହ୍ମାଘାଟକୁ ଯାଇଥିଲେ। ସେଠାରେ ପାଣିକୁଆ ଆତସବାଜି କରାଯିବା ଅବସରରେ ଶ୍ରୀଜୀଉଙ୍କୁ ସ୍ନାନ ଓ ବେଶ କରାଯାଇଥିଲା। ନିକଟ ଅନନ୍ତ ବାସୁଦେବ ମନ୍ଦିର ଯାତ୍ରା କରିବା ପରେ ଉଭୟ ଠାକୁରଙ୍କ ମଧ୍ୟରେ ଭେଟ ଆଳତି ହୋଇଥିଲା। ସେଠାରୁ ଶ୍ରୀଜୀଉ ପାଲିଙ୍କିରେ ଯାତ୍ରା କରି ବଡ଼େଇବାଙ୍କ ନିକଟ ଭଉଣୀଘର ମା' କାମାକ୍ଷା ମଠରେ ପହଞ୍ଚିଥିଲେ। ବିଭିନ୍ନ ନୀତି କରାଯିବା ପରେ ଭଉଣୀଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଇଥିଲେ। ଏଠାରୁ ସ୍ୱ ମନ୍ଦିର ପହଞ୍ଚି ବେହରଣ ମଣ୍ଡପରେ ବିରାଜମାନ କରିଥିଲେ। କୂଳ ପୁରୋହିତ ମନୋରଞ୍ଜନ ଦାସ ଚତୁର୍ଥୀ ହୋମ ସମ୍ପାଦନ କରିଥିଲେ। ଶ୍ରୀଜୀଉମାନେ ଆଡ଼କାଠ ନିକଟ ଖଟ ଉପରେ ବିରାଜମାନ କରିବା ପରେ ପୂଜା ପଣ୍ଡା ଓ ପତ୍ରୀ ସେବକ ଦେବ ଦମ୍ପତିଙ୍କ ମଧ୍ୟରେ କଉଡ଼ି ଖେଳାଇଥିଲେ। ଭେଟ ଆଳତି, ବଡ଼ ସିଂହାର ପରେ ମନ୍ଦିର ପହଡ଼ ପଡ଼ିଥିଲା।

# ୨ବାଇକ୍ ମୁହାଁମୁହିଁ, ୬ ଗୁରୁତର

**ଗୋପ,୨୭।୫(ଡି.ଏନ୍.ଏ.)**

ଗୋପ- କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ହୋଇଛି। ଏଥିରେ ୬ ଜଣ ଯୁବକ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମର ସୁଜିତ୍ ସ୍ୱାଇଁ, ବୀରତୁଙ୍ଗ ଗ୍ରାମର ଅଭିଷେକ ଦାସ, ସତ୍ୟବ୍ରତ ମହାନ୍ତି, ଖୋର୍ଦ୍ଧା ସଠିଲୋ ଗ୍ରାମର ଜ୍ୟୋତି ପ୍ରକାଶ ବେହେରା, ଭୁବନେଶ୍ୱରର ଚନ୍ଦନ ସାମନ୍ତରାୟ ଓ ସନ୍ଦୀପ ମିଶ୍ର। ପୋଲିସ ୨ ବାଇକ୍ ଜବତ ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ ବାଇକ୍‌ରେ ସୁଜିତ୍, ଅଭିଷେକ ଓ ସତ୍ୟବ୍ରତ କୋଣାର୍କ ବୁଲି ଯାଉଥିଲେ। ଅପରପାର୍ଶ୍ୱରୁ କୋଣାର୍କ ବୁଲି ସାରି ଜ୍ୟୋତି ପ୍ରକାଶ, ଚନ୍ଦନ ଓ ସନ୍ଦୀପ ଏକ ବାଇକ୍‌ରେ ଫେରୁଥିଲେ। ମାତ୍ର ଶାରଡ଼ା ଛକରେ ୨ ବାଇକ୍ ମୁହାଁମୁହିଁ ହୋଇଥିଲା।

# ଭାଜପାରେ ସାମିଲ ହେଲେ ୩ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ


ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଭାଜପାରେ ସାମିଲ ହୋଇଥିବା ବିଜେଡି କର୍ମୀ।

**ବୋଲଗଡ଼,୨୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଭାଜପା ମହିଳା ମୋର୍ଚ୍ଚା ଉପସଭାପତି ପ୍ରତିମାରାଣୀ ସାହୁଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଶନିବାର କଡ଼ବ ପଞ୍ଚାୟତସ୍ଥିତ ମା'ଡାଳଖାଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏମ୍‌ପି ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ପ୍ରକାଶ ଚନ୍ଦ୍ର ବିଜୁଳି, ଜିତୁ ମହାପାତ୍ର, ଦେବରାଜ ପଲେଇ, କଡବ ପଞ୍ଚାୟତ ଭାଜପା ସଭାପତି ପ୍ରତାପ ସିଂହ, ଜିଲା ହରିଜନ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ସୁଦାମ ଦଳାଇ, ବୋଲଗଡ଼ ବ୍ଲକର ପୂର୍ବତନ ଅଧକ୍ଷ ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛଶାସନ ଓ ଜନକଲ୍ୟାଣ ବିକାଶଧାରାରେ ଅନୁପ୍ରାଣିତ ହୋଇ କଡ଼ବ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ନାରାୟଣ ବେହେରା, ସମ୍ପାଦକ ବୁଲୁ ବଳିୟାରସିଂ, ସାମାଜିକ କର୍ମୀ ମୀନକେତନ ଦାସ, କଳାକାର ଅର୍ଜ୍ଜୁନ ଗଡ଼ବାଡ଼ଙ୍କ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏମ୍‌ପି ଷଡ଼ଙ୍ଗୀ ବିଜେଡି କର୍ମୀମାନଙ୍କୁ ସ୍ୱାଗତ କରିବା ସହିତ ଭାଜପା ଉତ୍ତରୀୟ ଓ ଟୋପି ପ୍ରଦାନ କରିଥିଲେ। ପିତୁକୁଳି ମଣ୍ଡଳ ସଭାପତି ଅବିନାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗୋବିନ୍ଦପୁରରେ ଶୀତଳଷଷ୍ଠୀ ମହୋତ୍ସବର ତୃତୀୟ ସନ୍ଧ୍ୟା

# ମନ ମୋହିଲା ନିମାପଡ଼ା ପାଇକ ଆଖଡ଼ା

**୫ ପ୍ରତିଭାଧାରୀ, ୧୦ ଖବରଦାତାଙ୍କୁ ସମ୍ବର୍ଦ୍ଧନା**

**ବେଗୁନିଆ,୨୭।୫(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଆୟୋଜିତ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ-୨୦୨୩'ର ଶନିବାର ଥିଲା ତୃତୀୟ ସନ୍ଧ୍ୟା। କମିଟି ସଭାପତି ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କିଶୋର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ ଡ.ଗଣେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ଭିକାରୀ ଚରଣ ସାହୁ, ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗାଁରେ ଅନେକ ସୁପ୍ତ ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ଅଛନ୍ତି। ସାଧାରଣତଃ ହାତ ତିଆରି ସାମଗ୍ରୀର କାରିଗରଠାରୁ ଆରମ୍ଭ କରି ଲୋକକଳାରେ ଖ୍ୟାତି ଅର୍ଜନ କରିଥିବା ଛୋଟବଡ କଳାକାରମାନେ ଅନେକ କାରଣରୁ ପଛଘୁଞ୍ଚା ଦେଉଛନ୍ତି। ତେବେ ତାଙ୍କୁ ପ୍ରୋତ୍ସାହିତ କରିବା ସହ ପଥଗାମୀ କରିବା ଜରୁରୀ ଆବଶ୍ୟକ ବୋଲି ଅତିଥି ସାହୁ କହିଥିଲେ। ସେହିପରି ସନ୍ଧ୍ୟାରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫୦ଜଣରୁ ଉର୍ଦ୍ଧ୍ୱ ଭାଗ ନେଇଥିଲେ। ପରେ ଦୁଃଖିରାମ ସ୍ୱାଇଁ କଳା ପରିଷଦ ଆନୁକୂଲ୍ୟରେ ଓଡ଼ିଶୀ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରୀର ଗୋଟିପୁଅ, ଭୁବନେଶ୍ୱରର ଶିଳ୍ପୀକା ମଡର୍ନ ଡ୍ୟାନ୍ସ, ସୁନ୍ଦରଗଡ଼ର 'ଝୁମୁରା' ଆଦି ବିଭିନ୍ନ ଲୋକକଳା ପରିବେଷଣ ହୋଇଥିଲା। ନିମାପଡ଼ାର ବିଜୟ ପାଇକ ଆଖଡ଼ା ଦର୍ଶକଙ୍କ ମନ ମୋହିଥିଲା। ଅଖିଳେଶ ମହାପାତ୍ର ଓ ସନ୍ତୋଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଅଞ୍ଚଳର ୫ଜଣ ପ୍ରତିଭାଧାରୀ ଏବଂ ୧୦ଜଣ ଖବରଦାତାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉ କି, ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଗତ ଗୁରୁବାର ଠାରୁ ଆରମ୍ଭ ହୋଇଛି। ସେହିଦିନଠାରୁ ବାଲୁଙ୍କେଶ୍ୱରଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଗ୍ରାମର ବିଭିନ୍ନ ମନ୍ଦିରରୁ ଅତିଥିଭାବେ ୫ ଚଳନ୍ତି ପ୍ରତିମା ବିମାନରେ ବସି ଯଜ୍ଞବେଦିରେ ପୂଜା ପାଉଛନ୍ତି।


ବେଗୁନିଆ ବ୍ଲକ ଗୋବିନ୍ଦପୁରରେ ଅନୁଷ୍ଠିତ ଶୀତଳଷଷ୍ଠୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ପାଇକ ଆଖଡା।



ମହୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଲୋକେ ଅସନ୍ତୁଷ୍ଟ**

କଣାସ,(ସ୍ୱ.ପ୍ର.)- ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ୧୫ ଦିନ ହେଲା ଜନସାଧାରଣ ଅସହ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି। ଏହା ମଧ୍ୟରେ କଣାସ ବ୍ଲକରେ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ବିଦ୍ୟୁତ୍ କାଟ୍ ନ କରିବାକୁ ବିଭିନ୍ନ ପତ୍ରପତ୍ରିକାରେ ଖବର ପରିବେଷଣ କରୁଛନ୍ତି। ହେଲେ କଣାସ ଅଞ୍ଚଳର ବିଦ୍ୟୁତ୍ ବିଭାଗ ଏହା ଉପରେ ଗୁରୁତ୍ୱ ଦେଉ ନ ଥିବା ଜଣାପଡ଼ିଛି। ଟାଣ ଖରା ସମୟରେ ଘନ ଘନ ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସାମାନ୍ୟ ଟିକିଏ ବର୍ଷା ପବନ ହେଲେ କଣାସ ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଛି। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ବିଭାଗ କର୍ମକର୍ତ୍ତାଙ୍କୁ ପଚାରିଲେ ଖୋର୍ଦ୍ଧାରୁ ବିଦ୍ୟୁତ୍ କାଟ୍ କରାଯାଉଛି ବୋଲି ସେମାନେ କହୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ବ୍ଲକର ବିଦ୍ୟୁତ୍ ଉପଭୋକ୍ତା ଦାବି କରିଛନ୍ତି।

## ସଂକ୍ଷେପରେ

### ବଡ଼ର ପଥର ମାଡ଼ରେ ସାନଭାଇ ମୁଣ୍ଡ ଫାଟିଲା

ନିମାପଡ଼ା,୨୭।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଗରପଦା ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ରକରି ବଡ଼ଭାଇ ଆକ୍ରମଣରେ ସାନଭାଇର ମୁଣ୍ଡ ଫାଟିଥିବା ନେଇ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଆକ୍ରମଣକାରୀ ହେଲେ ଜୟଦେବ ପ୍ରଧାନ (୪୦)। ଏନେଇ ପୋଲିସ ଏକ ମାମଲା (ନଂ.୧୭୫/୨୩) ରୁଜୁକରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଶନିବାର ସକାଳେ ଜୟଦେବ ଘରେ ବୃଦ୍ଧ ମା'ବାପାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ। ସାନଭାଇ ବାସୁଦେବ ଏହାର ପ୍ରତିବାଦ କରିଥିଲେ। କ୍ରୋଧାନ୍ୱିତ ହୋଇ ଜୟଦେବ ଏକ ବଡ଼ ପଥରରେ ବାସୁଦେବଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ସେଥିରେ ବାସୁଦେବ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଜୟଦେବଙ୍କ ବିରୋଧରେ ପୂର୍ବରୁ ବାଇକ୍ ଚୋରି, ହରିଶ୍ପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇଦେବା ଭଳି ଏକାଧିକ ମାମଲା ନିମାପଡ଼ା ଥାନାରେ ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଏଏସ୍ଆଇ ଶିଶିର ମହାନ୍ତି କହିଛନ୍ତି।

### ଜମିବାଡ଼ି ବିବାଦରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନିମାପଡ଼ା,୨୭।୫(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ଉକ୍ତ ମହିଳା ୪ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ଏକ ମାମଲା(ନଂ.୧୭୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସେମାନେ ହେଲେ ପାଟପୁର ଭୋଇସାହି ଗ୍ରାମର ବାହାଦୁର ଭୋଇ, ବିଳାସ ଭୋଇ, ଚନ୍ଦନ ଭୋଇ ଓ ରଞ୍ଜନ ଭୋଇ। ସୂଚନା ମୁତାବକ, ମହିଳା ମନୋରମାଙ୍କ ଜମିକୁ ବାହାଦୁର ଜୋରଜବରଦସ୍ତ ଦଖଲ କରି ସେଠାରେ ଘର ତିଆରି କରିବାକୁ ଉଦ୍ୟମ କରୁଛନ୍ତି। ଏନେଇ ମନୋରମା ଗତ ୨୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପରଦିନ ୨୬ ତାରିଖରେ ପହଞ୍ଚି ମନୋରମାଙ୍କ ଜାଗାରେ ଘର ତିଆରି ନ କରିବାକୁ କହି ମାପଚୁପ ପରେ ଯାହା ହେବ ବୋଲି ବାହାଦୁରଙ୍କୁ ତାଗିଦ୍ କରିଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ବାହାଦୁରଙ୍କ ପରିବାର ବର୍ଗ ମନୋରମାଙ୍କୁ ଶୁକ୍ରବାର ଗାଳିଗୁଲଜ, ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଜମିବାଡ଼ିକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

#### ସରପଞ୍ଚଙ୍କ ସମେତ ୫ ଆହତ

ନିମାପଡ଼ା,୨୭।୫(ଡି.ଏନ୍.ଏ.)- ଚାରିଛକ ଥାନା ଅନ୍ତର୍ଗତ ବାହାରେଣା ପଞ୍ଚାୟତ କଦଳୀବାରି ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ଆହତ ହେଲେ ସରପଞ୍ଚ ଅମିତା ସ୍ୱାଇଁ, ତାଙ୍କ ଯାଆ ସରୋଜିନୀ ସ୍ୱାଇଁ, ଶାଶୁ ବିଦ୍ୟୁଲତା ସ୍ୱାଇଁ, ପ୍ରମୋଦ ସ୍ୱାଇଁ ତାଙ୍କ ସ୍ତ୍ରୀ ସକ୍ଷୀଲତା ସ୍ୱାଇଁ। ଏନେଇ ଏକ ପରିବାରର ସରୋଜିନୀ ସ୍ୱାଇଁ ଆକ୍ରମଣକାରୀ ପ୍ରମୋଦ ସ୍ୱାଇଁଙ୍କ ବିରୋଧରେ ଚାରିଛକ ଥାନାରେ ଶନିବାର ଅଭିଯୋଗ କରିଥିବାବେଳେ ଅନ୍ୟ ପରିବାରର ପ୍ରମୋଦ ସ୍ୱାଇଁ ଗଣ୍ଡଗୋଳକାରୀ ସରପଞ୍ଚ ଅମିତା, କୃଷ୍ଣଚନ୍ଦ୍ର ସ୍ୱାଇଁ, ସବିତା ସ୍ୱାଇଁ, ବିଦ୍ୟୁଲତା, ସରୋଜିନୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ପ୍ରମୋଦ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ମମତା ବିଶ୍ୱାଳ, ଏସ୍ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ବାଇକ୍ ଚୋରି ମାମଲାରେ ୨ ଗିରଫ

ସାକ୍ଷୀଗୋପାଳ,୨୭।୫(ଡି.ଏନ୍.ଏ./ ସ୍ୱ.ପ୍ର.)- ବାଇକ୍ ଚୋରି ମାମଲାରେ ସତ୍ୟବାଦୀ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବାସୁଦେଇପୁରର ଭାଗୀରଥି ବେହେରା ଓ ମହେଶ୍ୱର ବେହେରା। ଏନେଇ ପୋଲିସ ୨୮୦/୨୩ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୨୫ ତାରିଖ ରାତିରେ ସତ୍ୟବାଦୀ ବ୍ଲକ ବିଶ୍ୱନାଥପୁର ଗ୍ରାମର କାଳୁଚରଣ ଦାସଙ୍କ ବଡ ବାପାଙ୍କ ଦଶାହ କାର୍ଯ୍ୟ ଚାଲିଥିବାବେଳେ ତାଙ୍କ ବାଇକ୍ ଚାବି ହଜିଯାଇଥିଲା। ପରେ ସେ ତାଙ୍କ ବାଇକ୍କୁ ଖୋଜାଖୋଜି କରି ନ ପାଇବାରୁ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଥିଲା। ଭାଗୀରଥି ଓ ମହେଶ୍ୱର ଉକ୍ତ ଚାବି ପାଇ ବାଇକ୍ ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଚଢ଼ାଉ କରି ଦୁହିଁଙ୍କୁ କାବୁ କରିଥିଲା। ଭାଗୀରଥି ଜଣେ ପେସାଦାର ଅଭିଯୁକ୍ତ ବୋଲି ପୋଲିସ ସୂଚନା ଦେଇଛି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

**ପୁରୀ ଅଫିସ,୨୭।୫**

୫-ଟି ସଚିବ ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସନ୍ଧ୍ୟା ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିସରକୁ ଯାଇ ରତ୍ନସିଂହାସନ ଉଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଖୁବ୍ କମ୍ ଦିନ ଥିବାରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଶେଷ ହେବ ସେନେଇ ମଧ୍ୟ ଅନୁଧ୍ୟାନ କରିଥିଲେ। ପଶ୍ଚିମ ଓ ଉତ୍ତର ଦ୍ୱାରରେ ଜାରି ରହିଥିବା ପରିକ୍ରମା ପ୍ରକଳ୍ପର ଆଉଟର ରୋଡ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହିତ ଉତ୍ତରରେ ଚାଲିଥିବା ବିଭିନ୍ନ ଜୋନର ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ଆସନ୍ତା ୪ ତାରିଖରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଦର୍ଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ସ୍ନାନଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ଚଳିତ ମାସ ୩୦ତାରିଖରେ କାର୍ଯ୍ୟ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୫-ଟି ସଚିବ ଚାଲିଥିବା ନିର୍ମାଣ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପରିକ୍ରମା ପ୍ରକଳ୍ପ ବୁଲି ଦେଖୁଛନ୍ତି ।

## ୩ରଥର ଚକ ଦିଗ ନିର୍ଣ୍ଣୟପୂର୍ବକ ଚକ-ଅଖ ଥାକ ହେଲା



### ରଥଖଳାରୁ ...

**ପୁରୀ ଅଫିସ,୨୭।୫**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାମାନେ ଭୋଇ ସେବକଙ୍କ ସହାୟତାରେ ଚକ ଦିଗ ନିର୍ଣ୍ଣୟ ପୂର୍ବକ ତିନିରଥର ଚକ-ଅଖ ଥାକ କରାଯାଇଛି। ରଥ ଚକଗୁଡିକ ଯେପରି ଆଗକୁ ଗଡ଼ି ନଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଚକ ଦୁଇପାର୍ଶ୍ୱରେ ବନ୍ଧା ଦିଆଯାଇଛି। ଏହାପରେ ଅଖ ତଳ ଭାଗରେ ମେଣ୍ଢି ଲାଗି ହୋଇ(କାଠ ଗର) ତିନି ରଥର ଦଣ୍ଡା ପଡିଥିଲା। ପାର୍ଶ୍ୱ ମୁହାଁଟ ସହ ଦଣ୍ଡା ଏବଂ କୁଡୁକା ସଂଯୋଗ ଦଣ୍ଡାକୁ ଦଣ୍ଡା ଦଉଡିରେ ଟାଣ ଦିଆଯାଇ ବନ୍ଧାଯାଇଛି। ତାଳଧ୍ୱଜ ରଥର ଗୋଟିଏ ପୋଲ ଗୟଳ ଚଉପଟ ଶେଷ ହୋଇଥିଲା, ଶନିବାର ଆଉ ଦୁଇଟି ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇ ଦୁଇଟି ଛନ୍ଦା ଗୟଳର ଚଉପଟ ପାଇଁ ହଣା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଅଣସର ଗୟଳ ୩ଟିର ଚଉପଟ କାର୍ଯ୍ୟ ଶେଷ ହୋଇଛି ଉକ୍ତ ଗୟଳ ୩ଟି ଏଦୁଇ ପାର୍ଶ୍ୱ ଗୋଳେଇ କାର୍ଯ୍ୟ ବାକି ରହିଛି। ଦର୍ପଦଳନ ରଥର ଦୁଇଟି ପୋଲ ଗୟଳର ଚଉପଟ ଶେଷ ହୋଇ ଆଜି ଆଉଦୁଇଟି ଗୟଳର ଚଉପଟ କାର୍ଯ୍ୟ ଶେଷ ପରେ ଦୁଇଟି ଚାନ୍ଦା ଗୟଳର ହଣା କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ଦୁଇଟି ବଡ଼ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଆଉ ଗୋଟିଏ ପୋଲ ଗୟଳର ଚଉପଟ କାର୍ଯ୍ୟ ମଧ୍ୟାହ୍ନ ସୁଦ୍ଧା ଶେଷ ହୋଇଥିଲା। ଅପରାହ୍ନରେ ଆଉ ଦୁଇଟି ଗୟଳର ହଣା କାର୍ଯ୍ୟ ପରେ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନି ରଥର ସିଂହାସନ ବା ସିଂହାସନ ରାୟରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ସିଂହାସନରେ ଚିତ୍ର ଖୋଦେଇ ଅଲଗା ଅଲଗା ହୋଇଥାଏ, ଯଥା ତାଳଧ୍ୱଜ ରଥର ସିଂହାସନର ମଝି ଭାଗରେ ଦୁଇପାର୍ଶ୍ୱରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ସହ ଡାଳି ଲତା, ଦୁଇପାର୍ଶ୍ୱରେ ଚାରି ଚାରୋଟି ହଂସ ଶେଷ ଭାଗ ଦୁଇପାଟ ପଦ୍ମ ପାଖୁଡାର ଚିତ୍ର ଖୋଦେଇ କାର୍ଯ୍ୟ ଜାରି ରହିଛି। ସେହିପରି ଦେବୀ ରଥ ସିଂହାସନର ମଧ୍ୟ ଭାଗରେ ଦୁଇପାର୍ଶ୍ୱରେ ମତ୍ସ୍ୟ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି ଶେଷ ଭାଗ ଦୁଇପାର୍ଶ୍ୱ ମୟୂର ସହ ପୁଚ୍ଛ ରହିଥାଏ। ସେହିପରି ନନ୍ଦିଘୋଷ ରଥର ସିଂହାସନର ମାଛସହ ପୂର୍ଣ୍ଣ କୁମ୍ଭ, ଦୁଇ ପାର୍ଶ୍ୱରେ ପଦ୍ମ ଡାଳି ସହ ହାତୀ ଏବଂ ପଦ୍ମ ପାଖୁଡ଼ା ଖୋଦେଇ କାର୍ଯ୍ୟ ରୂପକାର ସେବକମାନେ ଜାରି ରଖିଛନ୍ତି। କରତି ସେବକ ରଞ୍ଜିତ ମହାରଣାଙ୍କ ନେତୃତ୍ୱର କରତି ସେବକମାନେ ତିନିରଥକୁ ଦଣ୍ଡା ଥିବା ପାଇଁ ଚକ ଦୁଇପାର୍ଶ୍ୱରେ ବାନ୍ଧ ଦେବାକୁ ଏବଂ ଅଖ ତଥା ଦଣ୍ଡାରେ ମେଣ୍ଢି ଦିଆଯିବା ପାଇଁ କାଠ ଗଢ଼ କରି ଯୋଗାଇଛନ୍ତି। ଦୋଳବେଦିଠାରେ ବସନ୍ତ ମହାରଣାଙ୍କ ନେତୃତ୍ୱରେ ଦୁଇ ପାହୀ ମହାରଣା ସ୍ନାନଯାତ୍ରା ଏବଂ ରଥଯାତ୍ରାରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଆବଶ୍ୟକ କୁରୁମ ପିଢ଼ା ସହ ବେଶ ଘୋଡ଼ିଆ ଏବଂ ଚାଙ୍ଗଡ଼ା ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦି କମାର ଶାଳରେ ଓଝା ସେବକମାନେ ତିନିରଥର ଯୋଖା କଣ୍ଟା, ଗୟଳ କଣ୍ଟା ଏବଂ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଯୁବ ଚାରଣ ସଂଗଠନ ପକ୍ଷରୁ ମାଟିତୋଟାସ୍ଥିତ ଗୋଷ୍ଠୀର ଆଶ୍ରମରେ ଅନୁଷ୍ଠିତ ଶିକ୍ଷା ଶିବିର ।

## ୨ଦିନିଆ ସାଙ୍ଗଠନିକ ଶିକ୍ଷା ଶିବିର

**ପୁରୀ ଅଫିସ,୨୭।୫**

ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଯୁବ ଚାରଣ ସଂଗଠନ ପକ୍ଷରୁ ୨ଦିନିଆ ସାଙ୍ଗଠନିକ ଶିକ୍ଷା ଶିବିର ମାଟିତୋଟାସ୍ଥିତ ଗୋଷ୍ଠୀର ଆଶ୍ରମ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଚାରଣ ଭାଇ ଓ ମା'ମାନେ ଯୋଗଦେଇ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରୁଛନ୍ତି। ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚାରଣ ଗୋଷ୍ଠୀର ସାଧାରଣ ସମ୍ପାଦକ ହରିଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭକ୍ତି ବେଦାନ୍ତ ବୋଧାୟନ ମହାରାଜ ପଣ୍ଡିତ କାମଦେବ ବରାଳ ଏବଂ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି। ଉଦ୍‌ଯାପନ ଦିବସରେ ରଥଯାତ୍ରା ସମୟରେ ଚାରଣ ସେବା ଦଳକୁ ସକ୍ରିୟ କରିବା ପାଇଁ ପ୍ରାଥମିକ ଉପଚାର ଶିକ୍ଷା ପ୍ରଦାନ କରାଯିବ। ଚାରଣୀୟ ସାଧନା, ସୁସ୍ଥ ସାମାଜରେ ଆମର ଦାୟିତ୍ୱ ବ୍ୟକ୍ତିତ୍ୱ ବିକାଶ ଶ୍ରୀଜଗନ୍ନାଥ ଓ ଭଗବତତତ୍ତ୍ୱ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଚର୍ଚ୍ଚା କରାଯିବ ବୋଲି ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଇଛି।

# ଅଲାରନାଥଙ୍କ ଅନବସର ନେଇ ପ୍ରସ୍ତୁତି

**ବିଭାଗୀୟ ଅଧିକାରୀ, ବିଡିଓଙ୍କ ଅନୁପସ୍ଥିତିରେ ଉପଜିଲାପାଳ କ୍ଷୁବ୍ଧ**

**ବ୍ରହ୍ମଗିରି,୨୭।୫(ଡି.ଏନ୍.ଏ.)**

ଦେବସ୍ନାନ ପୂର୍ଣ୍ଣମୀ ପରେ ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ଅନବସର ଦର୍ଶନ ହେବ। ରାଜ୍ୟ ଓ ରାଜ୍ୟ ବାହାରର ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ ଥିଲା। ବ୍ଲକରେ ଥିବା ସ୍ୱାସ୍ଥ୍ୟ, ଅଗ୍ନିସେବା, ପୋଲିସ, ଆର୍‌ଡବ୍ଲ୍ୟୁଏସ୍ଏସ୍, ବିଦ୍ୟୁତ୍ ବିଭାଗ, ଆର୍‌ଡି, ପୂର୍ତ୍ତ ବିଭାଗ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ବିଡିଓ, ବ୍ରହ୍ମଗିରି ତହସିଲଦାର ଓ ଉପଜିଲାପାଳ, ସଂସ୍କୃତି ବିଭାଗ, ସେବାୟତଙ୍କୁ ନେଇ ଏହି ବୈଠକ ଆୟୋଜନ ହୋଇଥିଲା। କିନ୍ତୁ ବୈଠକରେ ଥାନା ଅଧିକାରୀ, ତହସିଲଦାର, ବିଦ୍ୟୁତ୍ ବିଭାଗ, ଅଗ୍ନିସେବା ଅଧିକାରୀଙ୍କୁ ଛାଡ଼ି ଆଉ କେତେକ ବିଭାଗୀୟ ଅଧିକାରୀ ସେମାନଙ୍କ କର୍ମଚାରୀଙ୍କୁ ପଠାଇ ଅନୁପସ୍ଥିତ ଥିଲେ। ପରିମଳ ବ୍ୟବସ୍ଥା ନେଇ ଆଲୋଚନା ସମୟରେ ଆରଡବ୍ଲୁଏସ୍ଏସ୍ ବିଭାଗର କୌଣସି ଅଧିକାରୀ ଓ ବିଡିଓଙ୍କ ଅନୁପସ୍ଥିତିକୁ ନେଇ ଉପଜିଲାପାଳ ଭବତାରଣ ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଅନବସର ଦର୍ଶନ ଶୃଙ୍ଖଳିତ ପାଇଁ ନୀତିନିର୍ଘଣ୍ଟ, ବାରିକେଡ୍, ଆଶୁ ଚିକିତ୍ସା ଆଦିର ସୁବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଜଳ ବଣ୍ଟନ ଦାୟିତ୍ୱ, ମନ୍ଦିରର ଗର୍ଭଗୃହରେ ଗରମରୁ ରକ୍ଷା ପାଇଁ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଉପଜିଲାପାଳ ସାହୁ, ବ୍ରହ୍ମଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବ୍ରହ୍ମଗିରି ଥାନା ଅଧିକାରୀ ଦିଲୀପ ଧଳ, ସମସ୍ତ ଜନପ୍ରତିନିଧି ଓ ସେବାୟତ ଯୋଗଦେଇଥିଲେ।

## କୁସ୍ତିରେ ପୁରୀର ଚିନ୍ମୟ ଜିତିଲେ ସ୍ୱର୍ଣ୍ଣ ପଦକ

**ପୁରୀ ଅଫିସ,୨୭।୫**

ଜମ୍ମୁ କଶ୍ମୀରର ଶ୍ରୀନଗରଠାରେ ଜାତୀୟ ବାହୁ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ଚଳିତ ମାସ ୨୩ଠାରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଦେଶର ୧୮ ଟି ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାରୁ ୧୬ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ପୁରୀ ଗୋପୀନାଥ ପଞ୍ଚାୟତ ତରଫରୁ ଚିନ୍ମୟ ରାଉତ ଓଡ଼ିଶା ପକ୍ଷରୁ ଜୁନିୟର ବିଭାଗରେ ୭୦ରୁ ୮୦ କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଚିନ୍ମୟ ତାଙ୍କ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ଚିନ୍ମୟଙ୍କ କୃତୀ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ପୁରୀ ଅଫିସ,୨୭।୫**

ସର୍ବୋଦୟ ନଗର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମଣ୍ଡଳ ଶିକ୍ଷାଧିକାରୀ ନମିତା ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ଦେବସ୍ମିତା ମହାପାତ୍ର ଯୋଗ ଦେଇ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ କହିଥିଲେ, ଶିକ୍ଷାକୁ ସହଜ ଏବଂ ସୁଖ ପାଠ୍ୟ କରିବା ପାଇଁ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ନିହାତି ରହିଛି। ମଣ୍ଡଳ ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ରତ୍ନାକର ବେହେରା ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲେ। ମଞ୍ଚରେ ମଣ୍ଡଳ ସହ ଶିକ୍ଷାଧିକାରୀ ନମିତା ବେହେରା ଏବଂ ବିଜୟ ବନ୍ଦନା ହୋତାଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟ ପ୍ରକାଶ ରଥ ଉପସ୍ଥିତ ରହି ପ୍ରଦର୍ଶନୀର ସଫଳତା କାମନା କରିବା ସହିତ ବିଦ୍ୟାଳୟରେ ଶିକ୍ଷଣ ଆବଶ୍ୟକତା ପୂରଣ ପାଇଁ ପରିପୂରକ ହେବ ସେ ବିଷୟରେ ଆଲୋକପାତ କରିଥିଲେ। ପ୍ରଦର୍ଶନୀରେ ସାଧନକର୍ମୀ ଅଜୟ କୁମାର ପଣ୍ଡା, ରଶ୍ମିରେଖା ସାମନ୍ତରାୟ, ଗୁରୁପ୍ରସାଦ ଦାଶ, ବିଜୟିନୀ ରାୟଟସିଂହ ଓ ଲୋପାମୁଦ୍ରା କର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ତତ୍ ସଂକ୍ରାନ୍ତିୟ ଧାରଣା ପ୍ରଦାନରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଦବୁଦ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ସଂଯୋଜିକା ଯୋଗଦେବା ସହିତ କାର୍ଯକ୍ରମର ସଫଳତା ପାଇଁ ଚେଷ୍ଟା କରିଥିଲେ। ଶେଷରେ ଶିକ୍ଷକ ଗୁରୁପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

# ମେଧାବୀ ଅଭିନନ୍ଦନ ଉତ୍ସବ

**ପୁରୀ ଅଫିସ, ୨୭।୫:**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଶୁଚିସ୍ମିତା ମୁଦୁଲି ପୌରପାଳିକା ଅଞ୍ଚଳରେ ସର୍ବାଧିକ ୬୭୪ ନମ୍ବର (୯୫.୬୬%) ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ +୨ ବିଜ୍ଞାନ ଜ୍ଞାନ ମନ୍ଦିର ପକ୍ଷରୁ ବିଦ୍ୟାଳୟ ପରିସରରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହିତ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ବିକାଶ ସମିତିର ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, +୨ ବିଜ୍ଞାନ ଜ୍ଞାନ ମନ୍ଦିରର ଅଧ୍ୟକ୍ଷା ରଙ୍ଗଲତା ସାହୁ, ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ, ସଦସ୍ୟା ରୁପାଲି ଅପରାଜିତା ମହାନ୍ତି ଏବଂ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ଯୋଦେଇଥିଲେ। ପ୍ରାରମ୍ଭରେ ବଡ଼ ଗୁରୁଜୀ ଅରବିନ୍ଦ ଦାସ ଅତିଥି ପରିଚୟ ଓ ଶେଷରେ ଆଚାର୍ଯ୍ୟ ଧନେଶ୍ୱର ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।




# ମା' ଭୁବନେଶ୍ୱରୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ

**ପୁରୀ ଅଫିସ,୨୭।୫**

ନୀଳାଚଳ ନଗରର ପରମ ବୈଷ୍ଣବୀ ମା' ଭୁବନେଶ୍ୱରୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ନୀଳାଚକ୍ର ନଗର ବାସିନ୍ଦାଙ୍କ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିଛନ୍ତି। ପ୍ରତ୍ୟୁଷରୁ ବିଭିନ୍ନ ପ୍ରସ୍ତୁତି ସହ ଦ୍ୱାରପାଳ ପୂଜା ଗୋ ପୂଜା ସହ ବିଭିନ୍ନ ଦେବଦେବୀଙ୍କ ପୂଜା ସମ୍ପନ୍ନ କରାଯାଇଥିଲା। ଜନ୍ମୋତ୍ସବର ପୂଜା, ହୋମ ଆଦିର କର୍ତ୍ତା ଭାବରେ ରମାକାନ୍ତ ଷଡ଼ଙ୍ଗୀ, କର୍ତ୍ତୀ ଅନୁପମା ଷଡଙ୍ଗୀ ନୀତି ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ମୁଖ୍ୟ ପୂଜକ ଦେବାନନ୍ଦ ଦାଶ, ବୁଟୁ ଦାଶ, ଆଶିଷ ଦାଶ ଏବଂ ଦିଗଦର୍ଶନ ମିଶ୍ର ଆଦି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମା' ଭୁବନେଶ୍ୱରୀଙ୍କ ବାର୍ଷିକ ପୂଜାଉତ୍ସବ ସହିତ ଆଶ୍ୱିନ ମାସର ଷୋହଳ ପୂଜା ମହା ଧାର୍ମିକ ସଂସ୍କୃତି ପରମ୍ପରା ସହିତ ପାଳିତ ହୋଇଥାଏ। ମା'ଙ୍କ ଦୈନନ୍ଦିନ ପୂଜା ଅବସରରେ ମଙ୍ଗଳ ଆଳତି, ମଇଲମ, ସ୍ନାନ, ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ଆଳତି, ପଣା ଭୋଗ, ବଡ଼ ସିଂହାର ସହିତ ଆଳତି କାର୍ଯ୍ୟ ସମ୍ପାଦାନ ହୋଇଥାଏ।


ପୁରୀରେ ମା' ଭୁବନେଶ୍ୱରୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବରେ ଅନୁଷ୍ଠିତ ଯଜ୍ଞ ।

# ଜାତୀୟସ୍ତରରେ ସାମାଜିକ କର୍ମୀ ବିଷ୍ଣୁପ୍ରିୟା ସମ୍ମାନିତ

**ବ୍ରହ୍ମଗିରି/ ସାକ୍ଷୀଗୋପାଳ, ୨୭।୫(ଡି.ଏନ.ଏ/ସ୍ୱ.ପ୍ର.):**

ମହିଳାଙ୍କ ଦକ୍ଷତା ବିକାଶ ଓ ସାଗଠନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ରହ୍ମଗିରି ଅଞ୍ଚଳର ସାମାଜିକ କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁଙ୍କୁ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଦିଲ୍ଲୀରେ ସମ୍ମାନିତ କରାଯାଇଛି। ଏ ନେଇ ବିଷ୍ଣୁପ୍ରିୟା ଦିଲ୍ଲୀରୁ ଫେରିବା ପରେ ବ୍ରହ୍ମଗିରିରେ ବିଭିନ୍ନ ମହିଳା ମହାସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ସମାଜସେବା କ୍ଷେତ୍ରରେ ଦୀର୍ଘ ୪ ଦଶନ୍ଧି ଧରି ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରି ଦଳିତ, ଆଦିବାସୀ ବର୍ଗର ଲୋକମାନଙ୍କ ସେବା କରିବା ସହିତ ବ୍ରହ୍ମଗିରି ଉପକୂଳ ଅଞ୍ଚଳରେ ଚିଲିକାର ସୁରକ୍ଷା ଓ ଉପକୂଳୀୟ ଲୋକଙ୍କର ସୁରକ୍ଷା ନିମନ୍ତେ ସାଙ୍ଗଠନିକ କାର୍ଯ୍ୟ କରି ପୂର୍ବରୁ ବହୁବାର ପୁରସ୍କୃତ ହୋଇଛନ୍ତି। ଦିଲ୍ଲୀରୁ ସମ୍ମାନିତ ହୋଇ ଫେରିବା ପରେ ପ୍ରଥମେ ସେ ଉତ୍କଳମଣିଙ୍କ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଷଠୀଘର ପରିଦର୍ଶନ କରି ଉତ୍କଳମଣିଙ୍କ ତ୍ୟାଗପୂତ ଜୀବନ ଲକ୍ଷ୍ୟ ନେଇ ସେ କାମ କରୁଥିବା କହିଛନ୍ତି। ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ପାଇଁ ବିଶ୍ୱର ୨୫ଟି ଦେଶରେ କାମ କରୁଥିବା ଏକତା ପରିଷଦର ଓଡ଼ିଶା ମହିଳା ସଂଯୋଜିକା ରହିଥିବା ବିଷ୍ଣୁପ୍ରିୟା ଏକତା ପରିଷଦ ସହଯୋଗରେ ଅଧିକ କାମ କରିବେ ବୋଲି ଆଶା କରିଛନ୍ତି। ଏହି ଅବସରରେ ଉପସ୍ଥିତ ମହିଳାମାନେ ତାଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ। ପରେ ସେ ସାତପଡା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ମହାନ୍ତି, ମନୋରଞ୍ଜନ ଦଳାଇ, ସଞ୍ଜୟ ମଲ୍ଲିକ, ପ୍ରବୀଣ ରାଉତରାୟ, ମନିଷା ପଲାଇ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦଳାଇ ଓ ପୂର୍ବାଞ୍ଚଳ ମହିଳା ମହାସଂଘର ସମସ୍ତ ମହିଳା ସହଯୋଗ କରିଥିଲେ।



ସାମାଜିକ କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁଙ୍କୁ ସାକ୍ଷୀଗୋପାଳରେ ସମ୍ବର୍ଦ୍ଧିତ କରାଯାଉଛି ।

## ମଦ ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,(ଡି.ଏନ୍.ଏ.): ବେଆଇନ ମଦ ଚାଲାଣ ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ସେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ଗ୍ରାମର ବିଶ୍ୱନାଥ ନାୟକ। ତାଙ୍କଠାରୁ ଏକ ସ୍କୁଟି ଓ ୩୬ ବୋତଲ ମଦ ଜବତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସେ ମଦ ନେଇ ୪୨ ମୌଜା ଅଞ୍ଚଳକୁ ଆସୁଥିବାବେଳେ ବରାଳ ନିକଟରେ ପୋଲିସ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୭୫/୨୩) ରୁଜୁ ହୋଇଛି।

# ଖାଇବା ତେଲ ବ୍ୟବସାୟ ନାଁରେ ୬୩.୯୪ ଲକ୍ଷ ଠକେଇ

### କମ୍ପାନୀ ନିର୍ଦ୍ଦେଶକ ଗିରଫ

କଟକ ଅଫିସ,୨୭।୫

ଦିନକୁ ଦିନ ନୂଆ ନୂଆ ତରିକାରେ ଠକେଇ ହେଉଛି। ଯାହାର ଶିକାର ହେଉଛନ୍ତି ବଡ଼ ବଡ଼ ବ୍ୟବସାୟୀ। ଖାଇବା ତେଲ ବ୍ୟବସାୟ ନାଁରେ ୬୩.୯୪ ଲକ୍ଷ ଟଙ୍କାର ଠକେଇ ହୋଇଛି। ବିହାର-ଓଡ଼ିଶା ଆନ୍ତଃରାଜ୍ୟ ଠକ ଏଭଳି କାରବାରରେ କାର୍ପଟ୍‌ଦାର ସାଜିଛନ୍ତି। ଏଭଳି ଏକ ଠକେଇ ଘଟଣାରେ ବିଡ଼ାନାସୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋଲ୍‌କାତାରୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ବିଡ଼ାନାସୀ ଥାନା ଅନ୍ତର୍ଗତ ଶତାବ୍ଦୀ ବିହାର ଅଞ୍ଚଳର ବିଶ୍ୱରଞ୍ଜନ ସେଠୀଙ୍କର ଖାଇବା ତେଲ କମ୍ପାନୀ ରହିଛି। ସୁବାସ ଚନ୍ଦ୍ର ଦାଶ ଓ ଶିତିକଣ୍ଠ ମହାନ୍ତି ନାମକ ୨ ଜଣ ବ୍ୟକ୍ତି ୨୦୨୨ ଜାନୁୟାରୀରେ ବିଶ୍ୱରଞ୍ଜନଙ୍କ



ସତ୍ୟପ୍ରକାଶ ସିଂହ

ନିକଟକୁ ଆସି ଏକ କମ୍ପାନୀର ଓଡ଼ିଶା ରିଜିଅନ୍ ମାର୍କେଟିଂ ମ୍ୟାନେଜର ଭାବେ ନିଜର ପରିଚୟ ଦେଇଥିଲେ। ସେମାନଙ୍କ କମ୍ପାନୀ ନିକଟରୁ ପାମ୍ ତେଲ କିଣିବା ପାଇଁ ସେମାନେ ବିଶ୍ୱରଞ୍ଜନଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ସତ୍ୟପ୍ରକାଶ ସିଂହ ଓ ପରିଚାଳନା ନିର୍ଦ୍ଦେଶିକା ସୀମା ସିଂହ ତାଙ୍କ ଘରକୁ ଆସି କମ୍ପାନୀରୁ ତେଲ କିଣି ବ୍ୟବସାୟ କରିବାକୁ କହିଥିଲେ। ବିଶ୍ୱରଞ୍ଜନ ଏଥିରେ ସହମତି ପ୍ରକାଶ କରିବା ପରେ ତାଙ୍କ କମ୍ପାନୀର ବିହାରରେ ଥିବା ଉକ୍ତ କମ୍ପାନୀ ସହ ୨୦୨୨ ମାର୍ଚ୍ଚ ୨୩ରେ ଏକ ଚୁକ୍ତିନାମା ହୋଇଥିଲା। ପରେ ବିଶ୍ୱରଞ୍ଜନ ଅପରପକ୍ଷ ଆକାଉଣ୍ଟରେ ୯୬ ଲକ୍ଷ ଟଙ୍କା ଜମା କରିଥିଲେ। ମାତ୍ର ଉକ୍ତ କମ୍ପାନୀ ୫୦ ଲକ୍ଷ ଟଙ୍କାର ପାମ୍ ତେଲ ଯୋଗାଇଥିଲା, ଯାହାକି ବଜାର ଦରଠାରୁ ବହୁ ଉଚ୍ଚା ଦରରେ। ହେଲେ ସୁବାସ ଲିଖିତ ଭାବେ ଏହି କ୍ଷତି ଅବଶିଷ୍ଟ ୪୬ ଲକ୍ଷ ଟଙ୍କାର ତେଲ ଦେବାବେଳେ ଭରଣା କରିଦେବେ ବୋଲି କହିଥିଲେ। ଦୀର୍ଘଦିନ ପରେ ସୁବାସ ୯୧୮ ଟିଣ ପାମ୍ ତେଲ ଧରି ପହଞ୍ଚିଥିଲେ, ଯାହାର ମୂଲ୍ୟ ୧୭ ଲକ୍ଷ ୪୪ ହଜାର ୨୦୦ ଟଙ୍କା ହେବ। ସେହି ତେଲକୁ ବଜାରରେ ବିକ୍ରି କରିବା ପାଇଁ ସେ ପୁଣି ବିଶ୍ୱରଞ୍ଜନଙ୍କଠାରୁ ନେଇଗଲେ। ଏଥିସହ ୫୦ ହଜାର ଟଙ୍କା ମଧ୍ୟ ନଗଦ ଆକାରରେ ନେଇଗଲେ। ହେଲେ କୌଣସି ପଇସା ଦେଲେନାହିଁ। ୨୦୨୨ ଅକ୍ଟୋବର ୧୧ରେ ବିଶ୍ୱରଞ୍ଜନ ରାଞ୍ଚି ଅଫିସକୁ ଯାଇ ସତ୍ୟପ୍ରକାଶଙ୍କୁ କହିବା ପରେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ସେ ବିଶ୍ୱରଞ୍ଜନଙ୍କଠାରୁ ମୋଟ ୬୩ ଲକ୍ଷ ୯୪ ହଜାର ଟଙ୍କା ଠକି ନେଇଥିଲେ। ଏ ନେଇ ବିଶ୍ୱରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୩/୨୩) ରୁଜୁ କରିଥିଲା। ପରେ କୋଲ୍‌କାତାରୁ ସତ୍ୟପ୍ରକାଶଙ୍କୁ ଗିରଫ କରି ସେଠାକାର କୋର୍ଟରେ ହାଜର କରାଇଥିଲା। ସେଠାରୁ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ଶନିବାର କଟକସ୍ଥିତ ଅଦାଲତରେ ହାଜର କରାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।




କଟକ କଳାବିକାଶ କେନ୍ଦ୍ରରେ କଳାବିକାଶ କେନ୍ଦ୍ର ପକ୍ଷରୁ ଚାଲିଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶନିବାର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ତବଲା ବାଦକ ହରମୋହନ ଖୁଣ୍ଟିଆଙ୍କ ସମେତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ୍‌ଦଣ୍ଡ

#### ନାବାଳିକା ବଳାତ୍କାର ମାମଲା

**କଟକ ଅଫିସ,୨୭।୫:** ନାବାଳିକା ବଳାତ୍କାର ମାମଲାରେ କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ୍‌ଦଣ୍ଡ ସହିତ ୧୬,୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ଅଶୋକ କୁମାର ପହି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କାନପୁର ଥାନା ଅନ୍ତର୍ଗତ ବାସେଳୀସାହିର ଜିତୁ ଓରଫ ରଜନୀ ନାୟକ କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳର ତାଙ୍କ ପିଉସୀ ଘରକୁ ଆସି ନାବାଳିକାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ୨୦୧୪ ଫେବୃୟାରୀ ୨୦ ତାରିଖ ରାତି ୮ଟାରେ ସେ ତାଙ୍କ ପିଉସୀଙ୍କ ବାଡ଼ିକୁ ନାବାଳିକାଙ୍କୁ ଡକାଇ ବିବାହ କରିବାର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଜଣେ ସମ୍ପର୍କୀୟ ଭଉଣୀ ଏହା ଦେଖି ତାଙ୍କ ମାଆଙ୍କୁ ଜଣାଇ ଦେଇଥିଲେ। ଏ ନେଇ ପୀଡିତା ଜଣଙ୍କ ବଡ଼ମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୪ ଜୁନ୍‌ରେ ପୋଲିସ ଅଦାଲତରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଦାଲତ ଏହି ମାମଲାର ବିଚାର ଶେଷ କରି ଗତ ୧୯ରେ ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଲୁଟ୍, ୩ ଯୁବକ ଗିରଫ

**ଫୁଲନଖରା,୨୭।୫(ଡି.ଏନ୍.ଏ.):** ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ବେତେଇ ଗ୍ରାମର ସୁବୁଲ୍ ମହାପାତ୍ର , ଶୁଭମ ସାଇ ଓ ପାଟପୁର ଗ୍ରାମର ଅନିଲ କୁମାର ଦାସ। ସେମାନଙ୍କଠାରୁ ଗୋଟିଏ ସ୍କୁଟି, ଗୋଟିଏ ବାଇକ୍, ୭ଟି ମୋବାଇଲ ଫୋନ୍ ଓ ୨୫୦୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଅବିନାଶ ନାୟକ ପ୍ରଗତି ମିଲ୍କରେ ବିତରକ ଭାବେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକ ନିକଟରେ କ୍ଷୀର ଗାଡିଟିକୁ ରାସ୍ତା ପାର୍ଶ୍ୱରେ ଛିଡା କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ଆସି ହଠାତ୍ ଅବିନାଶଙ୍କୁ ଆକ୍ରମଣ କରିବା ସହ ୩ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ଲୁଟିନେଇ ପଳାଇ ଯାଇଥିଲେ। ଏନେଇ ଅବିନାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୯/୨୩) ରୁଜୁ କରିଥିଲା। ପୋଲିସ ପଚରାଉଚରା କରିବାବେଳେ ଅନ୍ୟସ୍ଥାନରୁ ଆଉ ୫ଟି ମୋବାଇଲ ଚୋରି କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ।

### ନାଦ୍‌ନିନାଦ୍‌ର ହିନ୍ଦୁସ୍ଥାନୀ ସଙ୍ଗୀତ ଅଧିବେଶନ

**କଟକ ଅଫିସ,୨୭।୫:** ନାଦ୍‌ନିନାଦ୍‌ର ୩୧ତମ ହିନ୍ଦୁସ୍ଥାନୀ ସଙ୍ଗୀତ ଅଧିବେଶନ ଶନିବାର କଟକ ଶତାବ୍ଦୀ ଭବନରେ ଆରମ୍ଭ ହୋଇଛି। ଏଥିରେ କଳାକାରମାନେ ଗଣେଶ ବନ୍ଦନା ପରିବେଷଣ କରିଥିଲେ। ଏହାପରେ ରୀତିକା ସ୍ୱାଇଁ, ଦେବସ୍ମିତା ମିଶ୍ର ଓ ଅନ୍ୱେଷା ଅନିନ୍ଦିତା ଯୋଗଦେଇ ରାଗ ନଟ କେଦାର ଓ ବାଗେଶ୍ରୀ ପରିବେଷଣ କରିଥିଲେ। ମହାରାଷ୍ଟ୍ର ପୁଣେର ଯୁବଶିଳ୍ପୀ କୌସ୍ତୁଭ ସ୍ୱାଇଁ ଏକକ ତବଲା ବାଦନ, ଦିଲ୍ଲୀର କଣ୍ଠଶିଳ୍ପୀ ଏ. ଶିବପ୍ରସାଦ ରାଓ ହିନ୍ଦୁସ୍ଥାନୀ ସଙ୍ଗୀତ ପରିବେଷଣ କରିଥିଲେ। ଜିତେନ୍ଦ୍ର କୁମାର ସ୍ୱାଇଁ ତବଲା ବାଦନ କରିଥିବାବେଳେ ହାରମୋନିୟମରେ ଧନେଶ୍ୱର ଓଝା, ବିଶ୍ୱନାଥ ମିଶ୍ର, ଏ. ନାରାୟଣ ରାଓ ଏବଂ ଯୋଗେନ୍ଦ୍ର କୁମାର ସ୍ୱାଇଁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଙ୍ଗୀତଜ୍ଞ ଓ ସଙ୍ଗୀତପ୍ରେମୀ ଉପସ୍ଥିତ ଥିଲେ।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ



ଚୌଦ୍ୱାରଠାରେ ଅନୁଷ୍ଠିତ ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

### ଭାଜପା କାର୍ଯ୍ୟକାରିଣୀ ବୈଠକ

ଚୌଦ୍ୱାର/ସାଲେପୁର, ୨୭।୫(ଡି.ଏନ୍.ଏ.)

ଭାଜପା ଚୌଦ୍ୱାର ମଣ୍ଡଳର ୪ର୍ଥ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଯାତ୍ରା ପଡିଆସ୍ଥିତ ୪୪ ମଣ୍ଡଳ ରାଜଦୋଳ ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୯ବର୍ଷ ଶାସନ ପୂର୍ତ୍ତି ଅବସରରେ ହେବାକୁଥିବା 'ମହାସମ୍ପର୍କ' ଅଭିଯାନ ଓ 'ଘରକୁ ଘର ଚାଲ ଅଭିଯାନ' ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ନିର୍ବାଚନ ମଣ୍ଡଳ ପ୍ରଭାରୀ ଚିତ୍ତ ମିଶ୍ର, ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡଜେନା, କାଉନସିଲର ସୁଜାତା ସାହୁ, ସୌମେନ୍ଦ୍ର ପଲାଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସନ୍ତୋଷ କୁମାର ସାହୁ, ସଞ୍ଜିତ୍ ମହାନ୍ତି, ହଂସଚରଣ ସାହୁ, ମମତା ବେହେରା, ତନ୍ମୟ କୁମାର ସାହୁ, ଭଗବାନ ବେହେରାଙ୍କ ସମେତ ଅନେକ କର୍ମୀ ଯୋଗଦେଇଥିଲେ।

ସାଲେପୁର ବ୍ଲକ ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ କାର୍ଯ୍ୟାଳୟ ନିକଟରେ ଭାଜପା ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସମ୍ରାଟ କେଶରୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ବିରଜା ପ୍ରସାଦ ରାଉତ, ମଣ୍ଡଳ ଉପସଭାପତି ପ୍ରହ୍ଲାଦ ସାମଲ, କରୁଣାକର ମହାପାତ୍ର, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ, ଦିଲୀପ ରାଉତ, ରିଜୁଆନ୍ ସକିଲ, ଅମ୍ବିକା କର, ଶୁଭଶ୍ରୀ ମଲ୍ଲିକ, ମାନସ ଲେଙ୍କାଙ୍କ ସମେତ ଦଳର ବହୁ କର୍ମୀ ଯୋଗଦେଇଥିଲେ।

# ଜେନେରେଟର ଅଚଳ: ଡାକ କାର୍ଯ୍ୟ ବାଧାପ୍ରାପ୍ତ

କଟକ ସଦର,୨୭।୫(ଡି.ଏନ୍.ଏ.)

କଟକ ସଦର ନିର୍ବାଚନ ମଣ୍ଡଳୀରେ କଟକ ସହର ଡାକ ମଣ୍ଡଳର ୯ଟି ଉପ ଡାକଘର ରହିଛି। ଅଧିକାଂଶ ସମୟରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଥିବାରୁ ଦୈନନ୍ଦିନ ଡାକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହାଦ୍ୱାରା ଲୋକମାନେ ଅସନ୍ତୁଷ୍ଟ ହେଉଛନ୍ତି। ବିଦ୍ୟୁତ୍ ବିଭ୍ରାଟବେଳେ କମ୍ପ୍ୟୁଟରରେ କାର୍ଯ୍ୟ କରିବା ପାଇଁ ଜେନେରେଟର ରହିଛି। ଅଧିକାଂଶ ଡାକଘରେ ଜେନେରେଟର ଥିଲେ ମଧ୍ୟ ଷ୍ଟାର୍ଟ ହେଉ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାଛଡା ଡାକଘରେ ଲାଗିଥିବା ଇନ୍‌ଭର୍ଟରର ବ୍ୟାଟେରି ମଧ୍ୟ କମ୍ପ୍ୟୁଟରକୁ ଅଧିକ ସମୟ ବ୍ୟାକ୍ ଅପ୍ ଦେଇପାରୁନାହିଁ। ଫଳରେ ଡାକ ବଣ୍ଟନଠାରୁ ଆରମ୍ଭ କରି ଗ୍ରହଣ କାର୍ଯ୍ୟ ବିଦ୍ୟୁତ୍ ଆସିବା ପରେ କରାଯାଉଛି। ଥରେ ଜେନେରେଟର ମରାମତି କରାଗଲେ ୬ ମାସ ପର୍ଯ୍ୟନ୍ତ ତାହା ଉପରେ ଆଉ ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ବିଭାଗୀୟ ନିୟମ ରହିଥିବା ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ତେଣୁ ବର୍ଷକ ମଧ୍ୟରେ ଥରେ ମରାମତି କରି ବିଲ୍ ନେଉଥିବା ସେବା ପ୍ରଦାନକାରୀ ସଂସ୍ଥା ଗୋଟିଏ ଜେନେରେଟରକୁ ବାରମ୍ବାର ମରାମତି କରି ଏକାଧିକ ଥର ବିଲ୍ ନେବା ସମ୍ଭବପର ନୁହେଁ। ଯଦି ଖରାପ ଜେନେରେଟର ଥରେ ମରାମତି କରିବା ପରେ ତାହା ପୁଣି ଅଚଳ ହୁଏ, ତାହାହେଲେ ଅତିକମ୍‌ରେ ୬ରୁ ୮ମାସ ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟା କେବଳ ଗ୍ରାମାଞ୍ଚଳ ନୁହେଁ କଟକ ସହରର ଡାକଘରେ ମଧ୍ୟ ଦେଖାଯାଉଛି। ବର୍ତ୍ତମାନ କାଳବୈଶାଖୀ ଅନୁଭୂତ ହେଉଥିବାରୁ ବିଦ୍ୟୁତ୍ ସରବରାହ ଅସୁବିଧା ପାଇଁ ଦିନସାରା ଅନେକ ଡାକଘର ଚାଲିପାରୁ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କଟକ ସହର ଡାକ ମଣ୍ଡଳର ବରିଷ୍ଠ ଅଧୀକ୍ଷକ ଦେବରାଜ ବିଶ୍ୱାଳଙ୍କୁ ପଚାରିବାରୁ ଜେନେରେଟର ମରାମତି ପାଇଁ ଦୃଷ୍ଟି ଦିଆଯାଉଛି ବୋଲି କହିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

### ପାନୀୟ ଜଳ ପରିମଳ ବିଭାଗ ସ୍ୱତନ୍ତ୍ର ଶାସନ ସଚିବଙ୍କ ନରଦା ଗସ୍ତ

ସାଲେପୁର,୨୭।୫(ଡି.ଏନ୍.ଏ.)

ପାନୀୟ ଜଳ ପରିମଳ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦିଲୀପ କୁମାର ରାୟ ଶନିବାର ସାଲେପୁର ବ୍ଲକର ନରଦା ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସମିତି ସଭ୍ୟା ପୁଷ୍ପଲତା ମଲ୍ଲିକ ସେଠାରେ ସଚିବ ରାୟଙ୍କୁ ସାକ୍ଷାତ କରି ପଞ୍ଚାୟତରେ ବିଭିନ୍ନ ଅନିୟମିତତା ଚାଲିଥିବା ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ତାଙ୍କୁ ଅଗୋଚରରେ ରଖାଯାଇ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସେଥିରେ ଦୁର୍ନୀତି କରାଯାଇଛି ବୋଲି ମଲ୍ଲିକ କହିଥିଲେ। ଏନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ସେ ଓ ପଞ୍ଚାୟତବାସୀ ପୂର୍ବରୁ ନୋଟିସ ଦେଇଥିଲେ। ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ ସେମାନଙ୍କ ସହ ଆଲୋଚନା କରି ତୁରନ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ କୌଣସି ତଦନ୍ତ ହୋଇନାହିଁ ବୋଲି ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି।

# ଖ୍ରୀଷ୍ଟୀୟ ମହିଳା ସମିତି ପକ୍ଷରୁ ଜଳଛତ୍ର



ଜଳଛତ୍ର କେନ୍ଦ୍ରରେ ଖ୍ରୀଷ୍ଟୀୟ ମହିଳା ସମିତିର ସଭ୍ୟାମାନେ।

କଟକ ଅଫିସ, ୨୭।୫

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ତୁଳସୀପୁର ଖ୍ରୀଷ୍ଟୀୟ ମହିଳା ସମିତି ସଭ୍ୟାମାନଙ୍କ ପକ୍ଷରୁ କନିକା ଛକ ସନ୍ ହସ୍ପିଟାଲ ସମ୍ମୁଖ ରାସ୍ତାପାର୍ଶ୍ୱରେ ଶନିବାର ଜଳଛତ୍ର ଖୋଲାଯାଇଛି। ସମିତିର ସଭ୍ୟାମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଦହି ସର୍ବତ ବଣ୍ଟନ କରିଥିଲେ। ପ୍ରବଳ ଖରାରେ ସର୍ବତ ପିଇ ଲୋକମାନେ ତୃଷା ମେଣ୍ଟାଇଥିଲେ।

# ୧ରୁ ସାମୂହିକ ଛୁଟିରେ ଯିବାକୁ ଅମଲାଙ୍କ ଚେତାବନୀ

ସାଲେପୁର,୨୭।୫(ଡି.ଏନ୍.ଏ.)




ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକରେ ମଞ୍ଚାସୀନ ନେତୃମଣ୍ଡଳୀ।

### ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ

ଅମଲାମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି । ଏଥିସହ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ପ୍ରଦାନରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍ ପରିସରରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୈଠକରେ ଶନିବାର ମତ ପ୍ରକାଶ ପାଇଛି। ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ କିଶୋରନଗର ବ୍ଲକର କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ। କଟକ ଜିଲା ମିଳିତ ଅମଲାମଞ୍ଚ ଅଧ୍ୟକ୍ଷ ବିରଞ୍ଚିନାରାୟଣ ବରାଳ ବୈଠକରେ ଅଧ୍ୟକ୍ଷତା କରି ଜିଲାସ୍ତରରେ ଅମଲାମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ବୋଲି କହିଥିଲେ। ବିଶେଷକରି ଜିଲାସ୍ତରୀୟ ଅମଲାମାନଙ୍କ ମୂଳ ପଦବୀ ଲେଭଲ-୪ରୁ ୯କୁ ଓ ଦରମା ୧୯,୯୦୦ରୁ ୩୫, ୪୦୦ ଟଙ୍କା ବୃଦ୍ଧି କରିବାକୁ ବାରମ୍ବାର ଦାବି ହୋଇଛି। ମାତ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଜିଲାସ୍ତରୀୟ ଅମଲାମାନେ ଗତ ୨୨ତାରିଖରୁ କଳାବ୍ୟାଜ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ କରୁଛନ୍ତି। ଆସନ୍ତା ୩୦।୫।୨୦୨୩ ସୁଦ୍ଧା ରାଜ୍ୟ ସରକାର ଜିଲାସ୍ତରୀୟ ଅମଲାମାନଙ୍କ ମୂଳ ବେତନ ବୃଦ୍ଧି ନ କଲେ ଜୁନ୍ ୧ରୁ ସେମାନେ ସାମୂହିକ ଛୁଟିରେ ଯିବେ ବୋଲି ବରାଳ ପ୍ରକାଶ କରିଛନ୍ତି। ବୈଠକରେ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲାସ୍ତରୀୟ ଅମଲାମାନେ ବାରମ୍ବାର ପ୍ରତାରିତ ହେବାପରେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଜ୍ୟ ସଂଘର ସଙ୍ଗଠନ ସମ୍ପାଦକ ରମାକାନ୍ତ ସାହୁ ଓଡ଼ିଶା ଅମଲା ସଂଘ କଟକ ଜିଲା ସଭାପତି ବିଭୂତିଭୂଷଣ ମିଶ୍ର, ସମ୍ପାଦକ ଅଜୟ କୁମାର ଜେନା, ରାଜସ୍ୱ ଅମଲା ସଂଘ କଟକ ଜିଲା ଶାଖା ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, ଓଡ଼ିଶା ନିବନ୍ଧକ ଅମଲା ସଂଘ ରାଜ୍ୟ ସମ୍ପାଦକ ରାକେଶ ମହାନ୍ତି, କଟକ ଜିଲା ସମ୍ପାଦକ ବିକ୍ରମ କୁମାର ସିଂହ, ଓଡ଼ିଶା ଟ୍ରେଜେରି ଅମଲା ସଂଘ ପକ୍ଷରୁ ଅଜୟ କୁମାର ତ୍ରିପାଠୀ ଓ ବ୍ରଜବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




କଟକ ଶତାବ୍ଦୀ ଭବନରେ ଶନିବାର ଅନୁଷ୍ଠିତ ନାଦ୍‌ନିନାଦ୍‌ର ୩୧ତମ ହିନ୍ଦୁସ୍ଥାନୀ ସଙ୍ଗୀତ ଅଧିବେଶନରେ ଦେବସ୍ମିତା ମିଶ୍ର ଓ ଅନ୍ୱେଷା ଅନିନ୍ଦିତା ସଙ୍ଗୀତ ପରିବେଷଣ କରୁଛନ୍ତି।




କଟକ ଟାଉନ୍ ହଲ୍‌ରେ ବିଜୁ ଯୁବ ଜନତା ଦଳ କଟକ ମହାନଗର ପକ୍ଷରୁ ଅନୁଷ୍ଠିତ ୱାର୍ଡସ୍ତରୀୟ ଯୁବ କର୍ମକର୍ତ୍ତା ବୈଠକରେ ବାରବାଟୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସହ ଅନ୍ୟମାନେ।

# ଭିଡ଼ ବଢ଼ାଉଛି କାରବାର



ଭୁବନେଶ୍ୱର,୨୭।୫

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ଜନତା ମଇଦାନଠାରେ ୮ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆୟୋଜିତ ହେଉଛି। ସେହିଭଳି ପ୍ରଥମ ଥର ପାଇଁ ଗ୍ଲୋବାଲ ବିଜ୍‌ନେସ କାର୍ନିଭାଲ-୨୦୨୩ ର ଆୟୋଜନ ମଧ୍ୟ କରାଯାଇଛି। ବିଶେଷକରି ଦୁବାଇର ଲେଡିଜ୍ ସୁଟ୍ ଓ ଚକଲେଟ, ଥାଇଲାଣ୍ଡର କୁର୍ତ୍ତି ଓ ଲେଡିଜ୍ ଆସୋସିରିଜ୍, ଆଫଗାନିସ୍ତାର ପ୍ରସିଦ୍ଧ ଡ୍ରାଏ ଫ୍ରୁଟସ, ଇରାନୀ କାର୍ପେଟ୍ ଓ ଲାଇଟସ, ବାଂଲାଦେଶର ବିଭିନ୍ନ ଡିଜାଇନର ଶାଢ଼ି ଏବଂ ଘର ସଜାଇବାକୁ ମାଲେସିଆରୁ ଆସିଥିବା ଜଳ ଫୁଆରଗୁଡିକ ଅତି ସୁଲଭ ମୂଲ୍ୟରେ ପାଇପାରିବେ। ଅପରପକ୍ଷରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟବସାୟୀମାନେ ନାନା ପ୍ରକାର ଘରକରଣା ଓ ସାଜସଜ୍ଜା ସାମଗ୍ରୀ ସାଙ୍ଗକୁ ଭଳିକି ଭଳି ନୂଆ ପୁରୁଣା ସାମଗ୍ରୀର ସମ୍ଭାର ଉପଲବ୍ଧ। ସେହିପରି ଗୋଟିଏ ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଆକର୍ଷଣୀୟ ପରିଧାନ ସାଙ୍ଗକୁ ଅନ୍ୟାନ୍ୟ ବର୍ଗର ଉତ୍ପାଦ ଉପଭୋକ୍ତାଙ୍କ ପକେଟକୁ ସୁହାଇଲା ଭଳି ମୂଲ୍ୟରେ ମିଳୁଛି। ବିଶେଷକରି କେରଳ,ପଞ୍ଜାବ, ହରିୟାଣା, ଭାଗଲପୁର, ଦିଲ୍ଲୀ, ହାଇଦ୍ରାବାଦ ଭଳି ବ୍ୟବସାୟିକ ସ୍ଥାନରୁ ଆସିଥିବା ବ୍ୟବସାୟୀମାନେ ନାନା ପ୍ରକାର ଘରକରଣା, ପୋଷାକ, ଆସବାବପତ୍ର ଓ ଖାଦ୍ୟ ଏବଂ ଉପହାର ଦେବା ଭଳି ସୁନ୍ଦର ଜିନିଷଗୁଡ଼ିକୁ ସୁଲଭ ମୂଲ୍ୟରେ ବିକ୍ରି କରୁଛନ୍ତି। ଗୋଟିଏ ପଟେ ମେଳା ଦେଖା ସହ ଖାଅପିଅ ଓ ମନୋରଞ୍ଜନ ହେଉଥିବା ବେଳେ ଅପରପକ୍ଷରେ ଆକର୍ଷଣୀୟ ସାମଗ୍ରୀ ଓ ବସ୍ତୁ ସହ ଗ୍ରାହକଙ୍କ ଚାହିଦା ଓ ମନ ପସନ୍ଦର ଜିନିଷ ଉପଲବ୍ଧତା ମେଳା ପରିସରରେ ଭିଡ଼ ଜମାଉଛି। ଉଲ୍ଲେଖଯୋଗ୍ୟ, ଉକ୍ତ ମେଳା ମେ ୨୯ ପର୍ଯ୍ୟନ୍ତ ଚାଲିବ ବୋଲି ମେଳାର ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ସୁଜିତ୍ ଗୁପ୍ତା ଓ ସହ-ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

## ନିମାଇଲର ନୂଆ ପ୍ରଚାର ଅଭିଯାନ

ନୂଆଦିଲ୍ଲୀ,୨୭।୫

ନିମାଇଲ ପକ୍ଷରୁ ଏକ ନୂତନ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି 'ନିମାଇଲ ଚଟାଣ ଖୁସିର ଚଟାଣ' ଚଳଚ୍ଚିତ୍ର ମାଧ୍ୟମରେ ଆଇଟିସି ନିମାଇଲ ସ୍ୱଚ୍ଛ ଗୃହାଙ୍ଗନରେ ସନ୍ତୋଷ ଓ ଖୁସି ପ୍ରଦାନ କରିଥାଏ, ଯାହା ଶିଶୁମାନଙ୍କ ପାଇଁ ଏକ ଆନନ୍ଦଦାୟୀ ନିରାପଦ ସ୍ଥାନର ସନ୍ଧାନ ଦେଇଥାଏ। ଆଇଟିସି ଲିମିଟେଡ୍‌ର ମୁଖ୍ୟ ସଞ୍ଚାଳକ (ପର୍ସନାଲ କେୟାର ପ୍ରଡକ୍ଟସ୍ ବିଜ୍‌ନେସ୍ ଡିଭିଜନ) ସମୀର ଶତପଥୀ କହିଛନ୍ତି, 'ଗୃହାଙ୍ଗନ ବହୁ ଲୋକ, ମୁଖ୍ୟତଃ ଶିଶୁମାନଙ୍କ ପାଇଁ ପ୍ରଶସ୍ତ କ୍ରୀଡ଼ାକ୍ଷେତ୍ର । ବିଶେଷକରି ଉତ୍ସାହ,ଉଦ୍ଦୀପନା, ସନ୍ତୋଷ ଓ ଶକ୍ତିବହୁଳ ଭାବେ ଗୃହର ଶୁଦ୍ଧ ପରିବେଶ ଗୃହାଙ୍ଗନରୁ ଉନ୍ମେଷ ହୋଇଥାଏ । ଏପରିକି ଗୃହ ଚଟାଣକୁ ସ୍ୱଚ୍ଛ ଓ ନିରାପଦ ରଖିବା ଅତ୍ୟନ୍ତ ଗୁରୁତପୂର୍ଣ୍ଣ । ଫଳରେ ନିମ୍ବର ଶକ୍ତି ସମନ୍ୱିତ ନିମାଇଲ ସମସ୍ତଙ୍କ ପାଇଁ ଚଟାଣକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ଦିଗରେ ସହାୟତା କରିଥାଏ ବୋଲି ସେ ମତପ୍ରକାଶ କରିଛନ୍ତି।

## ନୂଆ ରୂପରେ ପିଟର ଇଂଲଣ୍ଡ ଶୋ'ରୁମ୍



ଭୁବନେଶ୍ୱର,୨୭।୫

ଦେଶର ପ୍ରମୁଖ ତଥା ପୁରୁଷ ବର୍ଗର ପ୍ରିମିୟମ ଫ୍ୟାଶନ ଗାର୍ମେଣ୍ଟସ ବ୍ରାଣ୍ଡ ପିଟର ଇଂଲଣ୍ଡର ନବୀକରଣ ଏକ୍ସକ୍ଲୁସିଭ ଷ୍ଟୋର ଶନିବାର ପୁନଃ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଟର ଇଂଲଣ୍ଡର ବରିଷ୍ଠ ଅଧିକାରୀ ଓ ଷ୍ଟୋର କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଭୁବନେଶ୍ୱରର ଅଶୋକନଗରଠାରେ ଥିବା ପିଟର ଇଂଲଣ୍ଡର ପ୍ରଥମ ଷ୍ଟୋରକୁ ନିକଟରେ ବ୍ରାଣ୍ଡ୍ ପକ୍ଷରୁ ନବୀକରଣ କରାଯାଇଛି। ଫଳରେ ଗ୍ରାହକ ବ୍ରାଣ୍ଡର ସମସ୍ତ ପୋଷାକ ବର୍ତ୍ତମାନ ପୂର୍ବଭଳି ପାଇପାରିବେ। ଏପରିକି ଚଳିତ ବର୍ଷ ରଜ ଓ ବିବାହ ଋତୁ ଉପଲକ୍ଷେ ଅନେକ ପ୍ରକାର ଡିଜାଇନ ଓ ବ୍ରାଣ୍ଡ୍ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଷ୍ଟୋର ସ୍ୱତ୍ୱାଧିକାରୀ ବିନୋଦ ଅଗ୍ରୱାଲ କହିଥିଲେ, ବ୍ରାଣ୍ଡ ଅନୁଯାୟୀ ଷ୍ଟୋରକୁ ନବୀକରଣ କରାଯାଇଛି। ଏପରିକି ନୂତନ ପୋଷାକ ଓ ସମ୍ଭାର ଉପଲବ୍ଧ କରାଇବା ସହ ଗ୍ରାହକଙ୍କ ଚାହିଦା ପୂରଣକୁ ଷ୍ଟୋର ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସେହିଭଳି ଷ୍ଟୋରର ଉଦ୍‌ଘାଟନୀ ଅଫର ସହ ରଜ ଓ ବିବାହ ଋତୁ ପାଇଁ ଆକର୍ଷଣୀୟ ଅଫର ଓ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

# ଋଣ ପାଣ୍ଠିର ଶୁଭାରମ୍ଭ

ନୂଆଦିଲ୍ଲୀ,୨୭।୫

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନିକଟରେ ଏକ ଋଣ ପାଣ୍ଠିର ଶୁଭାରମ୍ଭ କରାଯାଇଛି। ଏହା ଗ୍ରାହକଙ୍କୁ ଉଚ୍ଚ ସୁଧ ହାରରେ ନିବେଶଗୁଡ଼ିକୁ ଲକ୍-ଇନ୍ ରଖିବା ପାଇଁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରୁଛି। ଏପରିକି ଉକ୍ତ ଫଣ୍ଡ୍ ନିବେଶକ ପାଇଁ କମ୍ପାନୀର ଫ୍ଲାଗ୍‌ଶିପ୍ ୟୁନିଟ୍ ଲିଙ୍କ୍‌ଡ ଇନ୍‌ସ୍ୟୁରାନ୍ସ ପ୍ଲାନ୍ (ୟୁଏଲ୍ଆଇପି) ସହ ଉପଲବ୍ଧ। ସେହିଭଳି ଆଇସିଆଇସିଆଇ ପ୍ରୁ କନ୍‌ଷ୍ଟାଣ୍ଟ ମାଚ୍ୟୁରିଟି ଫଣ୍ଡ୍ ୟୁନିଟ୍ ଲିଙ୍କ୍‌ଡ ପ୍ରଡକ୍ଟଗୁଡିକ ସହ ଉପଲବ୍ଧ ରହିଛି। ୟୁଏଲ୍ଆଇପିରେ ନିବେଶ ଟିକସ ଲାଭ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ଫିକ୍ସଡ୍ ଇନ୍‌କମ୍ ବିଭାଗର ମୁଖ୍ୟ ଅରୁଣ ଶ୍ରୀନିବାସନ କହିଛନ୍ତି, ଆମେ ଏଭଳି ଏକ ସ୍ୱତନ୍ତ୍ର ଡେବ୍‌ଟ ଫଣ୍ଡ ଶୁଭାରମ୍ଭ କରି ଉତ୍ସାହିତ ରହିଛୁ, ଯାହା ଆମକୁ ଫିକ୍ସଡ୍ ଇନ୍‌କମ୍ ୟୁଏଲ୍ଆଇପି କ୍ଷେତ୍ରରେ ଏଭଳି ଏକ ଫଣ୍ଡ ପ୍ରଦାନ କରୁଥିବା ଦେଶର ପ୍ରଥମ ବୀମା କମ୍ପାନୀରେ ପରିଣତ ହୋଇଛି। ସେହିଭଳି ସୁଧ ହାର ଚକ୍ର ଶୀର୍ଷସ୍ତରର ନିକଟବର୍ତ୍ତୀ ହେବା ସହିତ ଗ୍ରାହକଙ୍କ ପାଇଁ ଆଇସିଆଇସିଆଇ ପ୍ରୁ କନ୍‌ଷ୍ଟାଣ୍ଟ ମାଚ୍ୟୁରିଟି ଫଣ୍ଡ୍‌ରେ ନିବେଶ କରିବା ଲାଗି ଏହା ଏକ ଉନ୍ନତ ସୁଯୋଗ ଆଣି ଦେଇଛି। ଏପରିକି ଆମେ ନିବେଶକମାନଙ୍କୁ ପୁଞ୍ଜି ସଂରକ୍ଷଣ ଓ ଦୀର୍ଘାବଧି ସମ୍ପତ୍ତି ସୃଷ୍ଟି ପାଇଁ ଉପଭୋକ୍ତାଙ୍କ ସଞ୍ଚୟର ଏକ ଅଂଶକୁ ୟୁଏଲ୍ଆଇପିର ଡେବ୍‌ଟ ଫଣ୍ଡ୍‌ରେ ନିବେଶ କରିବା ପାଇଁ ପରାମର୍ଶ ଦେଉଛୁ। ଅପରପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଭାବେ ବଜାର ଚକ୍ରରେ ଆମ ପୋର୍ଟଫୋଲିଓରେ ଶୂନ ନନ୍ ପର୍‌ଫର୍ମିଂ ଆସେଟ୍ସ (ଏନ୍‌ପିଏ) ର ଏକ ଟ୍ରାକ୍ ରେକର୍ଡ ରହିଛି। ସେହିଭଳି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ଉତ୍ପାଦ ବିଭାଗ ମୁଖ୍ୟ ଶ୍ରୀନିବାସ ବାଲାସୁବ୍ରମଣ୍ୟନ୍ କହିଛନ୍ତି, 'ଆମେ ଆମର ଗ୍ରାହକଙ୍କୁ ଶିଳ୍ପର ପ୍ରଥମ ଧରଣର ଡେବ୍‌ଟ ଫଣ୍ଡ୍ ପ୍ରଦାନ କରିବା ପାଇଁ ଉତ୍ସାହିତ ଅଛୁ।

# କମଲ ୱାଚ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍




ଭୁବନେଶ୍ୱର,୨୭।୫

ଦେଶର ପ୍ରମୁଖ ତଥା ବିଳାସପୂର୍ଣ୍ଣ ଘଣ୍ଟା ପ୍ରତିଷ୍ଠାନ କମଲ ୱାଚ୍ କୋ.ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଜାଭିୟର ସ୍କୋୟାରସ୍ଥିତ ସାଣ୍ଟି ଟାୱାର ହୋଟେଲ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ଲୋକ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ସମେତ କମଲ ୱାଚ୍ କୋ.ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କମଲ ୱାଚ୍ କନ୍‌ସେପ୍ଟର ନିର୍ଦ୍ଦେଶକ ନିଶାନ୍ତ ଟୋଟଲା କହିଛନ୍ତି, କମଲ ୱାଚ୍ କୋ ସହ ଜଡ଼ିତ ହେବା ଏକ ଗୌରବର ବିଷୟ, ଯାହାକି ଏକ ବ୍ରାଣ୍ଡ୍ ଚମତ୍କାରିତା ଏବଂ ଅତୁଳନୀୟ କାରିଗରିର ଉଦାହରଣ । ବିଶେଷକରି ଶୋ'ରୁମ୍ ଆରମ୍ଭ ହେବା ସହିତ ଗ୍ରାହକଙ୍କୁ ଆମେ ଏକ ଅପୂର୍ବ ଅଭିଜ୍ଞତା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଗ୍ରାହକ ପ୍ରିମିୟମ୍ ସ୍ୱିସ୍ ଟାଇମ୍ପିସ୍, ଭିଣ୍ଟେଜ୍ ଆନାଗଲ୍ ୱାଚ୍, ସମୟସାମୟିକ ଡିଜିଟାଲ ୱାଚ୍ ଭଳି ୭୦ରୁ ଅଧିକ ବ୍ରାଣ୍ଡ୍ ପାଇପାରିବେ। ସୂଚନାଯୋଗ୍ୟ, ୧୯୬୯ରେ ହାଇଦ୍ରାବାଦର ଆବିଡସଠାରେ ପ୍ରତିଷ୍ଠାନର ପ୍ରଥମ ଷ୍ଟୋର ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ସମୟରେ ପ୍ରତିଷ୍ଠାନର ୫୦ ତମ ଷ୍ଟୋର ଭାରତ ବଜାରରେ ରହିଛି। ସେହିଭଳି ଓଡ଼ିଶା ବଜାରରେ ପ୍ରତିଷ୍ଠାନର ଏହା ୩ୟ ଷ୍ଟୋର ହୋଇଥିବା ବେଳେ ଏହା ପୂର୍ବରୁ ଭୁବନେଶ୍ୱରର ଏସ୍‌ପ୍ଲାନେଡ୍ ମଲ୍ ଓ ଜନପଥ ରୋଡ୍‌ରେ ୨ଟି ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଦୀର୍ଘଦିନରୁ କାରବାର କରୁଛି।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ଲାଣ୍ଟ ପରିଦର୍ଶନ କରାଇଲା ଜେଏସ୍‌ଡବ୍ଲ୍ୟୁ



ଭୁବନେଶ୍ୱର,୨୭।୫

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜେଏସ୍‌ଡବ୍ଲ୍ୟୁର ଓଡ଼ିଶା ୟୁନିଟ୍ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ୩ ଦିନିଆ ପରିଭ୍ରମଣ ଓ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ବିଦ୍ୟାନଗର ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟରତ ଜାତୀୟ ଓ ରାଜ୍ୟସ୍ତରୀର ବିଭିନ୍ନ ଗଣମାଧ୍ୟମର ୩୦ଜଣ ପ୍ରତିନିଧି ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ସାମିଲଥିଲେ। ଅପରପକ୍ଷରେ ବିପିଏସ୍ଏଲ୍ ଓ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଅଧ୍ୟକ୍ଷ ଅନୀଲ ସିଂଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ୩ ଦିନିଆ ସ୍ୱତନ୍ତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଜେଏସ୍‌ଡବ୍ଲ୍ୟୁ ବିଜୟନଗର ୱାର୍କସ୍‌ର ସଭାପତି (ଅଧ୍ୟକ୍ଷ) ପି.କେ. ମୁର୍ଗାନ, ସିଓଓ ଏଲ୍.ଆର୍. ସିଂ ଏବଂ ପ୍ରଶାସନିକ ଓ ସିଏସ୍ଆର୍ ମୁଖ୍ୟ ରାଲଫ ସୁନୀଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁର ବିଜୟନଗର ଷ୍ଟିଲ୍ ପ୍ଲାଣ୍ଟ ଭାରତ ବର୍ଷର ଏକକ ସର୍ବବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ଭାବେ ପରିଗଣିତ ହେଉଛି।

## ଅନ୍ୟାନ୍ୟ ଖବର

## ଇମ୍ରାନ୍‌ଙ୍କ ଖେଳ ଶେଷ: ମରିୟମ୍

ଇସ୍‌ଲାମାବାଦ,୨୭।୫


ମରିୟମ୍ ନୱାଜ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ବରିଷ୍ଠ ନେତାମାନେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଝିଅ ତଥା ପାକିସ୍ତାନ ମୁସଲିମ ଲିଗ୍ ନୱାଜ (ପିଏମ୍ଏଲ୍-ଏନ୍)ର ବରିଷ୍ଠ ଉପାଧ୍ୟକ୍ଷା ମରିୟମ୍ ନୱାଜ ତାଙ୍କୁ କଟାକ୍ଷ କରିଛନ୍ତି। ବେହାରିରେ ପିଏମ୍ଏଲ୍-ଏନ୍ ଯୁବ ସମ୍ମିଳନୀକୁ ସମ୍ବୋଧିତ କରି ମରିୟମ୍ କହିଛନ୍ତି, ପିଟିଆଇ ଛାଡ଼ିବା ପାଇଁ ନେତାମାନେ ଧାଡ଼ି ବାନ୍ଧିଛନ୍ତି। ଇମ୍ରାନ୍‌ଙ୍କ ଖେଳ ଶେଷ ହୋଇଯାଇଛି। ନେତା ଶୃଗାଳ ହେଲେ ଲୋକେ କିପରି ଛିଡ଼ାହୋଇ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ମେ' ୯ରେ ଇମ୍ରାନ୍‌ଙ୍କ ଗିରଫଦାରି ପରେ ଦେଶବ୍ୟାପୀ ଆନ୍ଦୋଳନ ଦେଖାଯାଇଥିଲା। ସରକାରୀ ଅଫିସ ଓ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିବା ଅଭିଯୋଗରେ ପୋଲିସ ପିଟିଆଇ ନେତାମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାରେ ଲାଗିଛି। ଅଦ୍ୟାବଧି ୭୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଓ ନେତାଙ୍କୁ ଗିରଫ କରାଗଲାଣି।

## ୩୧ରେ ଭାରତ ଆସିବେ ନେପାଳ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ, ୨୭।୫(ପି.ଟି.)


ପୁଷ୍ପ କମଲ ଦହଲ

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ୪ ଦିନିଆ ଭାରତ ଗସ୍ତରେ ଆସି ବୁଧବାର ନୂଆଦିଲ୍ଲୀରେ ପହଞ୍ଚିବେ। ଭାରତ-ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା କରିବେ। ଗତବର୍ଷ ଡିସେମ୍ବରରେ ପ୍ରଚଣ୍ଡ ନେପାଳ ପ୍ରଧାନମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ନେପାଳ ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ଝିଅ ଗଙ୍ଗା ଦହଲ ଆସିବେ। ଜୁନ୍ ୧ରେ ମୋଦି ଓ ପ୍ରଚଣ୍ଡଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବାକୁ ଥିବାବେଳେ ଏହା ପରେ ଉଭୟ ପ୍ରଧାନମନ୍ତ୍ରୀ ମିଳିତ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବେ। ପ୍ରଚଣ୍ଡ ଓ ତାଙ୍କ ପ୍ରତିନିଧିମାନଙ୍କ ସମ୍ମାନାର୍ଥେ ମୋଦି ମଧ୍ୟାହ୍ନ ଭୋଜନର ଆୟୋଜନ କରିବେ।

## ମୋଦିଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ: ଆର୍‌ଟିଆଇ କର୍ମୀ ଗିରଫ

ମୁମ୍ବାଇ,୨୭।୫


ଗୁଲାମ କାଜି

ଫେସ୍‌ବୁକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ କରିବା ଅଭିଯୋଗରେ ମୁମ୍ବାଇ ପୋଲିସ ଜଣେ ସୂଚନା ଅଧିକାର (ଅର୍‌ଟିଆଇ) ଆକ୍ଟିଭିଷ୍ଟଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗୁଲାମ କାଜିଙ୍କ ବିରୋଧରେ ଆଇପିସି ଦଫା ୫୦୯,୫୦୦, ୫୦୬(୨) ଓ ୫୦୪ ବଳରେ ମାମଲା ରୁଜୁ କରାଯାଇଛି। ସାକିନାକା ଥାନାର ଜଣେ ଅଧିକାରୀ କହିଛନ୍ତି, ଗୁଲାମ ପ୍ରଧାନମନ୍ତ୍ରୀଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ଭାଜପା ନେତା କିରିଟ୍ ସୋମୈୟାଙ୍କ ବିରୋଧରେ ଫେସ୍‌ବୁକ୍‌ରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉକ୍ତ ପୋଷ୍ଟରେ ସେ ଏମାନଙ୍କୁ ଧମକ ଦେଇଥିଲେ।

# ବେରୋଜଗାରି ହ୍ରାସରେ ଓଡ଼ିଶା ଆଗରେ

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

**ଦକ୍ଷତା ବିକାଶ ବିଭାଗ ସମୀକ୍ଷା**

- **ସ୍କିଲ୍-ଇନ୍-ଓଡ଼ିଶା ଆଜି ବିଶ୍ୱ ବ୍ରାଣ୍ଡ୍ : ମନ୍ତ୍ରୀ**
- **ଶ୍ରେଷ୍ଠ ୧୦୦ ଆଇଟିଆଇ ମଧ୍ୟରେ ରାଜ୍ୟର ୬**

ବେରୋଜଗାରି କମାଇବାରେ ଓଡ଼ିଶା ଦେଶରେ ଆଗରେ। ବିଭିନ୍ନ ସର୍ଭେ ରିପୋର୍ଟରେ ଏହା ପ୍ରକାଶ ପାଇଛି । ରାଜ୍ୟ ସରକାର ୧୦ଟି ବିଭାଗରେ ୬୦ ଲକ୍ଷ ପିଲାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। କେବଳ ନିଯୁକ୍ତି ନୁହେଁ, ଜୀବନଶୈଳୀ ପରିବର୍ତ୍ତନ ପାଇଁ ତାଲିମ ଦିଆଯାଉଛି ବୋଲି କହିଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ। ଛାତ୍ରୀଛାତ୍ରଙ୍କ ବିକାଶ ଲାଗି ଭିତ୍ତିଭୂମି ସମ୍ପ୍ରସାରଣ, ନବୀକରଣକୁ ପ୍ରାଥମିକତା ଦିଆଯାଇଛି। ସ୍କିଲ୍-ଇନ୍-ଓଡ଼ିଶା ଆଜି ବିଶ୍ୱ ବ୍ରାଣ୍ଡରେ ପରିଣତ ହୋଇଛି। ଏଣିକି ରାଜ୍ୟରେ ସୌରଶକ୍ତି ପରିଚାଳନାରେ ଅଧିକ ପିଲାଙ୍କ ଦକ୍ଷତା ବିକାଶ କରାଯିବ। ୧୧ଟି ନୂଆ ଆଇଟିଆଇ ଖୋଲିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ ପରେ ଗଣମାଧ୍ୟମକୁ ମନ୍ତ୍ରୀ ଘଡ଼େଇ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଘଡ଼େଇ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିଭାଗୀୟ ସମୀକ୍ଷା ବୈଠକର ନିର୍ଯ୍ୟାସ ଓ ସଫଳତା ସମ୍ବନ୍ଧରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ। ଗୀତଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ମାନବ ସମ୍ବଳ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ନେଇ ୨୦୧୧ରେ ସୃଷ୍ଟି କରାଯାଇଥିବା ବିଭାଗ ବିଶ୍ୱସ୍ତରରେ ପରିଚିତ ହୋଇପାରିଛି। ଗତ ୪ ବର୍ଷ ମଧ୍ୟରେ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ନବୀକରଣକୁ ପ୍ରାଥମିକତା ଦିଆଯାଇଛି। ୨୦,୦୦୦ ପ୍ରାର୍ଥୀ, ୩୪ ସରକାରୀ ପଲିଟେକ୍‌ନିକ୍ସ, ୮୨ଟି ଦକ୍ଷତାବିକାଶ କେନ୍ଦ୍ର, ୨ଟି ପରିଚାଳନା ପ୍ରତିଷ୍ଠାନ, ୫ଟି ଇଞ୍ଜିନିୟରିଂ କଲେଜ ଏବଂ ୩ଟି ବୈଷୟିକ ବିଶ୍ୱବିଦ୍ୟାଳୟ ସହିତ ୬୦ଟି ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଯୁବବର୍ଗଙ୍କୁ ଦକ୍ଷ କରିବା ପାଇଁ ପ୍ରତିବଦ୍ଧ। ଦେଶର ୧୦୦ଟି ସର୍ବଶ୍ରେଷ୍ଠ ଆଇଟିଆଇ ମଧ୍ୟରେ ଓଡ଼ିଶାର ୬ଟି ସ୍ଥାନିତ ହୋଇଛି। ଆଇଟିଆଇରେ ଝିଅଙ୍କ ନାମଲେଖାକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା ସୁଦକ୍ଷା ଯୋଜନା ସଫଳ ସାବ୍ୟସ୍ତ ହୋଇଛି । ଶିଳ୍ପ ତାଲିମ କେନ୍ଦ୍ରରେ ଛାତ୍ରୀମାନଙ୍କ ଯୋଗଦାନ ୨୦୧୬-୧୭ରେ ୬% ଥିବାବେଳେ ୨୦୨୩ରେ ଏହା ବୃଦ୍ଧିପାଇ ୨୨.୫%ରେ ପହଞ୍ଚିଛି। ଏହି ସଫଳତା ଆଧାରରେ ପଲିଟେକ୍‌ନିକ୍ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରୀଙ୍କୁ ସୁଦକ୍ଷା ଯୋଜନାରେ ନାମ ଲେଖାଇବାକୁ ନିଷ୍ପତ୍ତି ନିଆଯାଇଛି। ୪୯ ସରକାରୀ ଆଇଟିଆଇ ଏବଂ ୩୩ ସରକାରୀ ପଲିଟେକ୍‌ନିକ୍‌ରେ ହଷ୍ଟେଲ ସୁବିଧା ଯୋଗାଇ ଦିଆଯାଇଛି। ଅନ୍ୟଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲିଛି। ବୈଷୟିକ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟସେବା, ଡାଟା ଆନାଲିଟିକ୍ସ, ଗଣନା, ଅକ୍ଷୟ ଶକ୍ତି ଏବଂ ବୈଦ୍ୟୁତିକ ଯାନ ପରି ୧୬ରୁ ଅଧିକ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ପ୍ରତିଷ୍ଠା କରାଯାଇଛି । ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ରେ ୨୪ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଷ୍ଠାନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଇଞ୍ଜିନିୟରିଂ କଲେଜରେ ଡିଜିଟାଲ ଟେକ୍ନୋଲୋଜିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠିତ ଶିଳ୍ପ ସହଭାଗିତାରେ ନିଆଯାଇଥିବା ପଦକ୍ଷେପ ୩୦,୦୦୦ରୁ ଅଧିକ ଛାତ୍ର ଏବଂ ୩୦୦ ଅଧ୍ୟାପିକାଙ୍କ ପ୍ରଶିକ୍ଷଣକୁ ସହଜ କରିଛି। ବିଭାଗର ନିରନ୍ତର ଉଦ୍ୟମ ସ୍କିଲ୍-ଇନ୍-ଓଡ଼ିଶାକୁ ଏକ ବିଶ୍ୱ ବ୍ରାଣ୍ଡ ଭାବରେ ପରିଚିତ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

## ନାବାଳିକାଙ୍କ ତଣ୍ଟି କାଟିଥିବା ଅଭିଯୁକ୍ତ ଗିରଫ

**ସମ୍ପର୍କରେ ସନ୍ଦେହରୁ ହତ୍ୟା**

ଅନୁଗୋଳ ଅଫିସ, ୨୭।୫

ବର୍ଷେ ହେଲା ନାବାଳିକାଙ୍କୁ ଜାଣିଥିଲେ। ଫୋନ ମାଧ୍ୟମରେ ସମ୍ପର୍କ ବଢ଼ାଇଥିଲେ। ହେଲେ ହଠାତ୍ ସବୁକିଛି ଠପ୍ ହୋଇଯାଇଥିଲା। ବାରମ୍ବାର ଉଦ୍ୟମ ସତ୍ତ୍ୱେ ଯୋଗାଯୋଗ ହୋଇପାରୁ ନ ଥିଲା। ଦିନ ଯେତିକି ଗଡୁଥିଲା, ସମ୍ପର୍କରେ ସନ୍ଦେହ ସେତିକି ଦୃଢ଼ ହେଉଥିଲା। ତେଣୁ ସେହି ସମ୍ପର୍କର ଶେଷ କରିଦେବାକୁ ଚରମ ନିଷ୍ପତ୍ତି ନେଇ ଘରେ ପଶି ନାବାଳିକାଙ୍କ ତଣ୍ଟି କାଟିଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଝାରସୁଗୁଡ଼ାରୁ ଧରାପଡ଼ିବା ପରେ ବହୁଚର୍ଚ୍ଚିତ କୁଇଓ ନାବାଳିକା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରଞ୍ଜନ ବେହେରା (୨୫) ଅନୁଗୋଳ ସଦର ପୋଲିସ ସମ୍ମୁଖରେ ଏପରି ଚାଞ୍ଚଲ୍ୟକର ବୟାନ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରଞ୍ଜନଙ୍କ ଏହି ସ୍ୱୀକାରୋକ୍ତି ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଛି। ତେବେ ଧରାପଡ଼ିବା ପୂର୍ବରୁ ରଞ୍ଜନ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ନାବାଳିକାଙ୍କ ସହ ତାଙ୍କର ଏକାଧିକ ଫଟୋ ଅନୁଗୋଳରେ ଭାଇରାଲ ହୋଇଛି।

# କୋଭିଡ୍ ପରେ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି: ମନ୍ତ୍ରୀ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

**ପର୍ଯ୍ୟଟନ ବିଭାଗ ସମୀକ୍ଷା**

କୋଭିଡ୍ ମହାମାରୀ ସତ୍ତ୍ୱେ ୨୦୨୧ରେ ରାଜ୍ୟରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୩୭ ଲକ୍ଷ ୪୨ ହଜାର ୨୨୧ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨,୨୬୯ ରହିଛି। କୋଭିଡ୍ ଭଳି ମହାମାରୀ ଏବଂ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ଲାଭ କରିଛି। ଗତ ୪ ବର୍ଷ ମଧ୍ୟରେ ୫୦୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ସହିତ ରାଜ୍ୟରେ ଅଗ୍ରଣୀ ଗ୍ଲୋବାଲ ହସ୍ପିଟାଲିଟି ଏବଂ ଆମୋଦପ୍ରମୋଦ ପାର୍କ ବ୍ରାଣ୍ଡର ପ୍ରବେଶ ସହିତ ଏହା ପ୍ରତିଫଳିତ ହୋଇଛି। ତାଜ୍ ଭିଭାନ୍ତା, ଆଇଟିସି ୱେଲକମ୍, ଲେମନ୍ ଟ୍ରି, ପାର୍କ ହୋଟେଲ୍ସ ଏବଂ ନୋଭୋଟେଲ୍ ଭଳି ଗ୍ଲୋବାଲ୍ ହସ୍ପିଟାଲିଟି ବ୍ରାଣ୍ଡଗୁଡିକ ଭୁବନେଶ୍ୱର ଏବଂ ଗୋପାଳପୁରରେ ହୋଟେଲ ପ୍ରତିଷ୍ଠା ସହିତ ରାଜ୍ୟରେ ପ୍ରବେଶ କରିଛନ୍ତି ବୋଲି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଶନିବାର ଗୀତଗୋବିନ୍ଦ ସଦନରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ୨୦୨୨-୨୩ ବର୍ଷରେ ପର୍ଯ୍ୟଟନ ବିଭାଗର ବଜେଟ ୬୬୦ କୋଟି ଟଙ୍କା ହୋଇଥିବା ବେଳେ ୨୦୦୦-୦୧ରେ ଏହା ୨.୬୭ କୋଟି ଟଙ୍କା ଥିଲା। ଏଥିରେ ୨୪୬୧୯% ବା ୨୪୬.୧୯ ଗୁଣ ବୃଦ୍ଧି ଘଟିଛି। ଗତ ୨୩ ବର୍ଷ ମଧ୍ୟରେ ରାଜ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ବ୍ୟାପକ ବୃଦ୍ଧି ଘଟିଛି। ୨୦୦୦ରେ ରାଜ୍ୟକୁ ୨୮ ଲକ୍ଷ ୮୮ ହଜାର ୩୯୨ ଜଣ ଘରୋଇ ପର୍ଯ୍ୟଟକ ଓ ୨୩ ହଜାର ୭୨୩ ଜଣ ଅନ୍ତର୍ଜାତୀୟ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। କୋଭିଡ୍ ମହାମାରୀ ଆରମ୍ଭ ହେବା ପୂର୍ବରୁ ୨୦୧୯ରେ ୧ କୋଟି ୫୩ଲକ୍ଷ ୭ ହଜାର ୬୩୭ ଘରୋଇ ପର୍ଯ୍ୟଟକ ଓ ୧ ଲକ୍ଷ ୧୫ ହଜାର ୧୨୮ ବିଦେଶୀ ପର୍ଯ୍ୟଟକ ଆସିଥିଲେ, ଯାହାକି ଘରୋଇ ପର୍ଯ୍ୟଟକରେ ୪୩୩% ବୃଦ୍ଧି, ଏବଂ ବିଦେଶୀ ପର୍ଯ୍ୟଟକରେ ୩୮୫% ବୃଦ୍ଧି ହୋଇଥିଲା। ପର୍ଯ୍ୟଟନରେ ବ୍ୟବସାୟିକ ସୁଯୋଗ ଯୋଗାଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଦୁଇଟି ପ୍ରତିଶ୍ରୁତିକୁ ପୂରଣ କରି ବିଭାଗ ପକ୍ଷରୁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ଅନୁଯାୟୀ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ଗଠନ କରାଯାଇଛି। ଏହି ପରିଷଦଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ। ଏହାବ୍ୟତୀତ ପର୍ଯ୍ୟଟନ ବିଭାଗ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଥିବା ୨୦ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଏବଂ ୧୨ଟି କାଫେଟେରିଆକୁ ମିଶନ ଶକ୍ତି ଏସ୍ଏଚ୍‌ଜିମାନଙ୍କୁ ହସ୍ତାନ୍ତର କରିବା ପାଇଁ ପ୍ରକ୍ରିୟାଜାରି ରହିଛି। ମହାମାରୀ ସମୟରେ ଯାତ୍ରା କଟକଣା ପ୍ରଚଳନ ଥିଲା, ସେତେବେଳେ ଓଡ଼ିଶା ସରକାର ରାଜ୍ୟରେ ଏକ ସ୍ଥାୟୀ ପର୍ଯ୍ୟଟନ ପରିବେଶର ବିକାଶ ପାଇଁ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିଥିଲେ ବୋଲି ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ସେହିପରି ଲୋପ ପାଇଯାଉଥିବା ନୃତ୍ୟକଳା, ବାଦ୍ୟଯନ୍ତ୍ରର କିପରି ପୁନରୁଦ୍ଧାର ହୋଇପାରିବ ସେ ନେଇ ମଧ୍ୟ ଯୋଜନା କରାଯାଇଛି। କେବଳ ଭୁବନେଶ୍ୱର କଟକ ନୁହେଁ ସୁଦୂର ମାଲକାନଗିରିରେ ମଧ୍ୟ ଲୋକକଳା ଉତ୍ସବମାନ ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ପୋଖରୀ ପଙ୍କୋଦ୍ଧାର ବେଳେ ଐତିହାସିକ କୀର୍ତ୍ତିରାଜି ଉଦ୍ଧାର

ଭବାନୀପାଟଣା,୨୭।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରୁ ୧୨ କି.ମି. ଦୂର ଦାଦପୁର ଗ୍ରାମ ପୋଖରୀରୁ ପଙ୍କୋଦ୍ଧାର ସମୟରେ ଶନିବାର ଐତିହାସିକ କୀର୍ତ୍ତିରାଜି ଉଦ୍ଧାର ହୋଇଛି। ଏହା ମଧ୍ୟଯୁଗ ମନ୍ଦିରର ଭଗ୍ନାବଶେଷ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଭିଡ଼ ଜମିଥିବା ବେଳେ ଅଞ୍ଚଳକୁ ସିଲ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିମ୍ବଦନ୍ତୀ କୁହେ, ୧୧ରୁ ୧୨ଶହ ଶତାବ୍ଦୀରେ ଗଙ୍ଗବଂଶ ଶାସନ ସମୟରେ ଦାଦପୁର ଅଞ୍ଚଳରେ ପାତାଳ ପୋଖରୀ ଖନନ ହୋଇଥିଲା। ପୋଖରୀ ଭିତରେ ଐତିହାସିକ କୀର୍ତ୍ତିରାଜି ରହିଥିବା ଦାବି ହେଉଛି। ଅଧିକ ଗବେଷଣା ହେଲେ ଇତିହାସର ଅନେକ ତଥ୍ୟ ଉନ୍ମୋଚନ ହେବ ବୋଲି ବିଶିଷ୍ଟ ଐତିହାସିକ ଉମାଶଙ୍କର କର ପ୍ରକାଶ କରିଛନ୍ତି।

